RNI No.ODIODI/2010/33031
୧୬ ବର୍ଷ Volume-16
ISSUE -184 ସଂଖ୍ୟା-୧୮୪
ଭୁବନେଶ୍ୱର, ସୋମବାର ୦୬ ଅକ୍ଟୋବର ୨୦୨୫
Bhubaneswar, Monday 06 October, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# କଟକ ଅଶାନ୍ତ, ଲାଗୁ ହେଲା କର୍ଫ୍ୟୁ






କଟକ,୫।୧୦(ନି,.ପ୍ର): କଟକ ଦୁର୍ଗାପୂଜା ଭସାଣୀକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉଗ୍ରରୂପ ନେଇଛି। କଟକରେ ଭସାଣ ଗଣ୍ଡଗୋଳକୁ ବିରୋଧ କରି ହିନ୍ଦୁ ସଂଗଠନ ପକ୍ଷରୁ ଆଜି ବିଶାଳ ଶୋଭାଯାତ୍ରାବେଳେ ଉପୁଜିଥିବା ହିଂସାତ୍ମକ ପରିସ୍ଥିତି ପରେ ପ୍ରଥମେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା, ସୋସିଆଲ୍ ମିଡିଆ ବନ୍ଦ ରହିବା ନିଷ୍ପତ୍ତି ପରେ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଜାରି କରାଯାଇଛି। ଆଜି ରାତି ୧୦ଟାରୁ କର୍ଫ୍ୟୁ ଲାଗୁ ହୋଇଛି। ଆଗାମୀ ୩୬ ଘଣ୍ଟା ପାଇଁ କଟକର ୧୩ଟି ଥାନା ଅଞ୍ଚଳର କିଛି ସ୍ଥାନରେ କର୍ଫ୍ୟୁ ଜାରି କରାଯାଇଛି। କର୍ଫ୍ୟୁ ଜାରି କରାଯାଇଥିବା ଅଞ୍ଚଳଗୁଡ଼ିକ ହେଲା ଦରଘାବଜାର, ମଙ୍ଗଳବାଗ, କ୍ୟାଣ୍ଟନମେଣ୍ଟ, ଲାଲବାଗ, ସିଡିଏ-୨, ପୁରୀଘାଟ, ଜଗତପୁର, ମର୍କତନଗର, ବାଦାମବାଡ଼ି, ୪୨ମୌଜା, ସଦର, ବିଡ଼ାନାସୀ, ମାଲଗୋଦାମ ଥାନା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ ଏହି ସୂଚନା ଦେଇଛନ୍ତି। କର୍ଫ୍ୟୁ ଜାରି ସମୟରେ ଜରୁରୀକାଳୀନ ସେବାକୁ କୋହଳ କରାଯାଇଛି। କିନ୍ତୁ ପ୍ରଦର୍ଶନ, ଶୋଭାଯାତ୍ରା ତଥା ଲୋକ ଗହଳିକୁ ବାରଣ କରାଯାଇଛି। ପୁଲିସ ଘଟଣା ଉପରେ ନଜର ରଖିଛି ଦରକାର ପଡ଼ିଲେ କର୍ଫ୍ୟୁର ସମୟ ବଢ଼ିପାରେ। ତେବେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପିଲ କରିଛନ୍ତି। ଗଣ୍ଡଗୋଳ ହୋଇଥିବା ସ୍ଥାନ ହାତୀପୋଖରୀ ଓ ଦରଘା ବଜାରରେ ପୁଲିସ, ବିଏସ୍ଏଫ୍ ଏବଂ ସିଆ।ରପିଏଫ୍ ଯବାନ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରିଛନ୍ତି। ରବିବାର ଉତ୍ତେଜନା ସୃଷ୍ଟି ହେବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାତି ପ୍ରାୟ ୯ଟାରେ ଡିଜିପି ୱାଇ.ବି. ଖୁରାନିଆ ସହରରେ ବୁଲି ବୁଲି ସ୍ଥିତି ପରଖିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ପୁଲିସ କମିସନର କହିଛନ୍ତି, ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ୨୫ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ଏମାନଙ୍କର ମଧ୍ୟରୁ ୮ ଜଣ ଗୁରୁତର ଅଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ପ୍ରଥମେ ବିକଳ୍ପ ଉପାୟ ନେଇଥିଲା ମାତ୍ର ଉପଦ୍ରବକାରୀମାନେ ଅମାନିଆ ହେବାରୁ କାର୍ଯ୍ୟାନୁଷ୍ଠାନ ନେଇଛି। ଉଦଦ୍ରବକାରୀମାନଙ୍କୁ ଧରିବା ପାଇଁ ପୁଲିସ ଛାନ୍‌ଭିନ୍ ଜାରି କରିଛି। କଟକ ସହରରେ ଦେଖାଯାଇଥିବା ଉତ୍ତେଜନା ପରିସ୍ଥିତି ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି ଅଞ୍ଚଳରେ ଦୁଇଟି ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି, ଯାହା ହିଂସାତ୍ମକ ଘଟଣା ଘଟାଇଛି। ଇଣ୍ଟରନେଟର ଅପବ୍ୟବହାର ଦ୍ୱାରା ସାମ୍ପ୍ରଦାୟିକ ହିଂସା ପ୍ରସାରଣ ଏବଂ ସୋସିଆ।ଲ ମିଡିଆ। ପ୍ଲାଟଫର୍ମ ମାଧ୍ୟମରେ ମିଥ୍ୟା, ଉତ୍ତେଜନାପୂର୍ଣ୍ଣ ଏବଂ ଉତ୍ତେଜନାପୂର୍ଣ୍ଣ ବାର୍ତ୍ତା ପ୍ରସାରଣ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଫଳରେ ସାର୍ବଜନୀନ ଶୃଙ୍ଖଳା ଏବଂ ଶାନ୍ତି ବିପର୍ଯ୍ୟସ୍ତ ହେବାର ଆ।ଶଙ୍କା ରହିଛି କଟକ ସହରରେ ଶାନ୍ତି ଫେରାଇ ଆ।ଣିବା ପାଇଁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି କଟକ ସହରରେ ଆ।ଜି ସନ୍ଧ୍ୟା ୭ଟା ଠାରୁ ଆ।ସନ୍ତାକାଲି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ (୨୪ଘଣ୍ଟା) ଇଣ୍ଟରନେଟ୍ ଏବଂ ଅନ୍ୟାନ୍ୟ ଡାଟା ସେବା ମାଧ୍ୟମରେ ସୋସିଆ।ଲ ମିଡିଆ। ପ୍ଲାଟଫର୍ମର ବ୍ୟବହାର ଏବଂ ପ୍ରବେଶ ଉପରେ ନିଷେଧ ଜାରି କରାଯାଇଛି।

କଟକ ଦୁର୍ଗାପୂଜା ଭସାଣୀକୁ ନେଇ ଆରମ୍ଭ ହୋଇଥିବା ବିବାଦ ଉଗ୍ରରୂପ ନେଇଛି। କଟକରେ ଭସାଣ ଗଣ୍ଡଗୋଳକୁ ବିରୋଧ କରି ହିନ୍ଦୁ ସଂଗଠନ ପକ୍ଷରୁ ରବିବାର ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଛି। ତେବେ ଶୋଭାଯାତ୍ରା ଯୋଗୁ ବିଶୃଙ୍ଖଳିତ ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ତାହାକୁ ଅଟକାଇବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ନେଇ ପୁଲିସକୁ ଲାଠିମାଡ଼ ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିବାକୁ ପଡ଼ିଛି। ଆସନ୍ତାକାଲି ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ପରିସ୍ଥିତି ସମ୍ବେଦନଶୀଳ ଥିବାରୁ କଟକରେ ମୋବାଇଲ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ହ୍ୱାଟସ୍ଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ସ୍ନାପଚାଟ୍ ଆଦି ଚଳାଇ ପାରିବେନି ୟୁଜର୍ସ। ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ସେବା ବି ବନ୍ଦ ରହିବ ।୨୪ ଘଣ୍ଟା ପାଇଁ କଟକଣା ଜାରି କଲା ପ୍ରଶାସନ। ତେବେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପିଲ କରିଛନ୍ତି। ଗଣ୍ଡଗୋଳ ହୋଇଥିବା ସ୍ଥାନ ହାତୀପୋଖରୀ ଓ ଦରଘା ବଜାରରେ ପୁଲିସ, ବିଏସ୍ଏଫ୍ ଏବଂ ସିଆ।ରପିଏଫ୍ ଯବାନ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରିଛନ୍ତି। ରବିବାର ଉତ୍ତେଜନା ସୃଷ୍ଟି ହେବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାତି ପ୍ରାୟ ୯ଟାରେ ଡିଜିପି ୱାଇ.ବି. ଖୁରାନିଆ ସହରରେ ବୁଲି ବୁଲି ସ୍ଥିତି ପରଖିଛନ୍ତି।

ପୂର୍ବ ନିଷ୍ପତ୍ତି ଅନୁସାରେ ଏକ ସଂଗଠନ ପକ୍ଷରୁ ରବିବାର କଟକ ଦରଘାବଜାର ଅଞ୍ଚଳରେ ଶୋଭାଯାତ୍ରା କରାଯାଇଥିଲା ।ଭସାଣ ଗଣ୍ଡଗୋଳକୁ ବିରୋଧ କରି ଏହି ଶୋଭାଯାତ୍ରା ଚାଲିଥିବାବେଳେ ପୁଲିସ ଦରଘାବଜାର ନିକଟରେ ଶୋଭାଯାତ୍ରାକାରୀଙ୍କୁ ଅଟକାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଏବଂ ଶୋଭାଯାତ୍ରାକାରୀ ମୁହାଁମୁହିଁ ହୋଇଥିଲେ। ଉତ୍ୟକ୍ତ ଲୋକମାନେ ରାସ୍ତାରେ ପୋଡ଼ାଜଳା କରିଥିଲେ ।ଏପରି କି ସେହି ସମୟରେ ପୁଲିସ ଉପରକୁ କିଛି ଢେଲାପଥର ମାଡ଼ ହୋଇଥିଲା। ଏଥିରେ କିଛି ପୁଲିସ ଆ।ହତ ହୋଇଥିଲେ ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସକୁ ଲାଠିମାଡ଼ କରିବାକୁ ପଡ଼ିଥିଲା। ଏପରି କି ପୁଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଯାହାଫଳରେ ଗଣ୍ଡଗୋଳକାରୀ ଛତ୍ରଭଙ୍ଗ ଦେଇଥିଲେ। ଏହା ପରେ ସହରରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ସାହି ଏବଂ ଗଳିକନ୍ଦିରରେ ପୁଲିସ ଛାଉଣୀ ହୋଇଛି ଭସାଣ ଦିନ କଟକରେ ଗଣ୍ଡଗୋଳ ଘଟଣା ପରଠାରୁ ସହରରେ ଅଶାନ୍ତ ବାତାବରଣ ଲାଗି ରହିଛି।

ସେପଟେ ଶାନ୍ତି ରକ୍ଷା ପାଇଁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଗଣ୍ଡଗୋଳ ହୋଇଥିବା ସ୍ଥାନରେ ଆ।ଜି ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ସେପଟେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ କାଲି କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ଗଣ୍ଡଗୋଳ ହୋଇଥିବା ସ୍ଥାନ ହାତୀପୋଖରୀ ଓ ଦରଘା ବଜାରରେ ପୁଲିସ, ବିଏସ୍ଏଫ୍ ଏବଂ ସିଆ।ରପିଏଫ୍ ଯବାନ ମିଳିତ ଭାବେ ଫ୍ଲାଗମାର୍ଚ୍ଚ କରିଛନ୍ତି ।ଏପରିକି ସାହି ଗଳିରେ କ୍ୟାମ୍ପ୍ ଲଗାଇ ଡେରା ପକାଇଛି ପୁଲିସ। ଏପଟେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ କାଲି କଟକ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ।

## ଶାନ୍ତି ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର,୫।୧୦(ନି.ପ୍ର): କଟକରେ ଦେଖାଯାଇଥିବା ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକ ସହର ହେଉଛି ହଜାର ବର୍ଷର ସହର। ଭାଇଚାରାର ଅନନ୍ୟ ନିଦର୍ଶନ ହେଉଛି କଟକ ସହର। କିନ୍ତୁ, ଗତ କିଛି ଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ସହରରେ ଶାନ୍ତି ଭଙ୍ଗ ହୋଇଛି ଏବଂ ସାଧାରଣ ଲୋକଙ୍କ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହିଭଳି ବିଶୃଙ୍ଖଳାକାରୀଙ୍କ ଉପରେ ସରକାରଙ୍କ ନଜର ରହିଛି ଏବଂ ସେମାନଙ୍କ ଉପରେ ଆ।ଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସହରର ଐତିହ୍ୟକୁ ଆ।ହୁରି ଉପରକୁ ନେବା ପାଇଁ ସମସ୍ତେ ମିଳିମିଶି ଶାନ୍ତି ଶୃଙ୍ଖଳାର ସହିତ ଆଗକୁ ବଢନ୍ତୁ ଏବଂ ସହରର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି।

## କଟକରେ ଭାଇଚାରା ବଜାୟ ରହୁ : ନବୀନ

ଭୁବନେଶ୍ୱର,୫।୧୦(ନି.ପ୍ର): ଭାଇଚାରା ର ସହର କଟକ ରେ ଆଜି ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତି ରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଏକ ଶାନ୍ତି ପ୍ରିୟ ରାଜ୍ୟ ଭାବରେ ଓଡିଶା ର ସୁନାମ ରହିଛି। ଓଡିଶା ବାସୀ, କଟକ ବାସୀ ଶାନ୍ତି ଓ ସଦଭାବ ଚାହାଁନ୍ତି. ତେଣୁ କଟକ ସହର ରେ ଶାନ୍ତି ବଜାୟ ରଖିବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

# ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା

ନୂଆଦିଲ୍ଲୀ,୫।୧୦(ପିଆଇବି): କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମ୍ପ୍ରତି ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା ସ୍ଥାପନକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି ଯୋଜନା ଅଧୀନରେ ପାଣ୍ଠି ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ଆ।ନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତାରେ ସଜ୍ଜିତ କରି ଭାରତର ଗଭୀର ପ୍ରତିଭା ପୁଲରେ ଯୋଗଦାନ ଦେବ ଏହି ପ୍ରୟୋଗଶାଳା ଆ।ଇଆ।ଇଟି ଭୁବନେଶ୍ୱରକୁ ସେମିକଣ୍ଡକ୍ଟର ଗବେଷଣା ଏବଂ ଦକ୍ଷତା ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ସ୍ଥାନିତ କରିବ ଏହା ସାରା ଭାରତରେ ଆ।ସୁଥିବା ଚିପ୍ ନିର୍ମାଣ ଏବଂ ପ୍ୟାକେଜିଂ ୟୁନିଟ୍ ପାଇଁ ପ୍ରତିଭା ବିକାଶ କରିବାରେ ସାହାଯ୍ୟ କରିବ। ନୂତନ ପ୍ରୟୋଗଶାଳା ମେକ୍ ଇନ୍ ଇଣ୍ଡିଆ। ଏବଂ ଡିଜାଇନ୍ ଇନ୍ ଇଣ୍ଡିଆ। ପଦକ୍ଷେପକୁ ଆ।ହୁରି ପ୍ରୋତ୍ସାହିତ କରିବ ଏହା ଭାରତର ଦ୍ରୁତ-ବର୍ଦ୍ଧିଷ୍ଣୁ ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ଏକ ପ୍ରୋତ୍ସାହନକାରୀ ଭାବରେ କାର୍ଯ୍ୟ କରିବ ।ଭାରତରେ ବିଶ୍ୱର ୨୦% ଚିପ୍ ଡିଜାଇନ୍ ପ୍ରତିଭା ଅଛନ୍ତି। ଦେଶର ୨୯୫ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ନୂଆ। ଇଡିଏ ଉପକରଣ ବ୍ୟବହାର କରୁଛନ୍ତି ୨୦ଟି ପ୍ରତିଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ୨୮ଟି ଚିପ୍ସ ଏସସିଏଲ ମୋହାଲିରେ ଟେପ୍ କରାଯାଇଛି। ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି ଏଥିମଧ୍ୟରୁ ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍ (ଏସଆ।ଇସି) ଆ।ଧାରିତ ଯୌଗିକ ସେମିକଣ୍ଡକ୍ଟର ପାଇଁ ଏକ ସମନ୍ୱିତ ସୁବିଧା ଦ୍ୱିତୀୟଟି ହେଉଛି ଏକ ଉନ୍ନତ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ସୁବିଧା। ଆଇଆଇଟି ଭୁବନେଶ୍ୱର ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର କାର୍ଯ୍ୟକାରୀ କରୁଛି। ନୂତନ ପରୀକ୍ଷାଗାର ପ୍ରତିଷ୍ଠାନର ବିଦ୍ୟମାନ କ୍ଲିନ୍ ରୁମ୍ ସୁବିଧାରେ ଯୋଡିବ। ଏହା ଭାରତରେ ସେମିକଣ୍ଡକ୍ଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଓ ବିକାଶ ସୁବିଧା ପ୍ରଦାନ କରିବ। ପ୍ରସ୍ତାବିତ ପ୍ରୟୋଗଶାଳାରେ ସେମିକଣ୍ଡକ୍ଟର ତାଲିମ, ଡିଜାଇନ୍ ଏବଂ ନିର୍ମାଣ ପାଇଁ ଆ।ବଶ୍ୟକ ଉପକରଣ ଏବଂ ସଫ୍ଟୱେର୍ ରହିବ। ଉପକରଣ ପାଇଁ ଆନୁମାନିକ ମୂଲ୍ୟ ୪.୬ କୋଟି ଟଙ୍କା ଏବଂ ସଫ୍ଟୱେର୍ ପାଇଁ ୩୫ ଲକ୍ଷ ଟଙ୍କା ରହିଛି ।

# ଦାର୍ଜିଲିଂରେ ବର୍ଷା ଓ ଭୂସ୍ଖଳନ: ୨୦ ମୃତ



**କୋଲକାତା,୫।୧୦(ଏଜେନ୍ସି):** ପଶ୍ଚିମବଙ୍ଗର ଦାର୍ଜିଲିଂରେ ଧ୍ୱଂସଲୀଳା ରଚିଛି ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ। ହଠାତ ମୂଷଳ ଧାରାରେ ବର୍ଷା ହେବାରୁ ଭୂସ୍ଖଳନ ଘଟି ସହରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ବର୍ଷା ପରବର୍ତ୍ତୀ ଅଚାନକ ବନ୍ୟାରେ ଅନେକ ଘର, ପୋଲ ସାଙ୍ଗକୁ ଚା ବଗିଚା ଭାସିଯାଇଛି। ଏଥିରେ ୨୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ନିଖୋଜ ଅଛନ୍ତି। ଫଳରେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆ।ଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିପର୍ଯ୍ୟୟ ଏବଂ ଜୀବନହାନୀ ପାଇଁ ଶୋକ ପ୍ରକାଶ କରିଛନ୍ତି ଏବଂ ବିପର୍ଯ୍ୟୟକୁ ସ୍ୱୀକାର କରିଛନ୍ତି, କାରଣ ପଶ୍ଚିମବଙ୍ଗର ଦାର୍ଜିଲିଂ ଏବଂ କାଲିମ୍ପଙ୍ଗ ପାହାଡ଼ରେ ମୁଷଳଧାରାରେ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି । ମୁଖ୍ୟମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟରେ ହେଲପଲାଇନ୍ ନମ୍ବର ଜାରି କରି କହିଛନ୍ତି ଯେ ସେ ପରିସ୍ଥିତିର ସମୀକ୍ଷା କରିବା ପାଇଁ ଅକ୍ଟୋବର ୬ ତାରିଖରେ ତାଙ୍କ ମୁଖ୍ୟ ସଚିବଙ୍କ ସହିତ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ । ସେ ପ୍ରଭାବିତଙ୍କ ପାଇଁ କ୍ଷତିପୂରଣ ଘୋଷଣା ମଧ୍ୟ କରିଥିଲେ କିନ୍ତୁ ପରିମାଣ ପ୍ରକାଶ କରି ନଥିଲେ । ନିରନ୍ତର ବର୍ଷା ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ରାସ୍ତା, ପୋଲ କ୍ଷତିଗ୍ରସ୍ତ ଏବଂ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜରୁରୀ ସୁରକ୍ଷା ପରାମର୍ଶ ଜାରି କରାଯାଇଛି।

# ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ,୫।୧୦(ନି.ପ୍ର): ନିକଟରେ ଅନୁଷ୍ଠିତ ପୁରୁଷ ଏସିଆ କପରେ ପାକିସ୍ତାନକୁ ହ୍ୟାଟ୍ରିକ ଝଟ୍‌କା ଦେବା ପରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମହିଳା କ୍ରିକେଟ୍ ବିଶ୍ୱକପ୍-୨୦୨୫ରେ ଭାରତୀୟ ଟିମ୍ ସଫଳତାକୁ ବଜାୟ ରଖି ପାକିସ୍ତାନକୁ ପରାସ୍ତ କରିଛି। ବିଶ୍ୱକପ୍‌ରେ ନିଜର ଦ୍ୱିତୀୟ ମୁକାବିଲାରେ ଦମଦାର ପ୍ରଦର୍ଶନ କରିଛି ଭାରତୀୟ ମହିଳା ଟିମ୍ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ।ପାକିସ୍ତାନ ବିପକ୍ଷରେ ଭାରତ ୮୮ ରନ୍‌ରେ ବିଜୟୀ ହୋଇଛି। କଲମ୍ବୋସ୍ଥିତ ଆର ପ୍ରେମ୍‌ଦାସା ଷ୍ଟାଡିୟମରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାକିସ୍ତାନ ୪୩ ଓଭରରେ ସମସ୍ତ ୱିକେଟ୍ ହରାଇଛି। ପାକିସ୍ତାନ ଟିମ୍ ୧୫୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇପାରିଛି।



ବ୍ୟାଟିଂ ପରେ ଭାରତୀୟ ଟିମ୍ ବୋଲିଂ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଛି। କ୍ରାନ୍ତି ଗୌଡ଼ ଓ ଦୀପ୍ତି ଶର୍ମା ୩ଟି ଲେଖାଏଁ ୱିକେଟ୍ ଅକ୍ତିଆ।ର କରିଥିଲେ। ସ୍ନେହ୍ ରାଣାଙ୍କୁ ୨ଟି ୱିକେଟ୍ ମିଳିଥିଲା। ପାକିସ୍ତାନ ପାଇଁ ସିଦ୍ରା ଅମିନ ବ୍ୟକ୍ତିଗତ ଭାବେ ସର୍ବାଧିକ ୮୧ ରନ୍ ସଂଗ୍ରହ କରିଥିଲେ ସେ ୧୦୬ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହି ମ୍ୟାଚରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ସ୍ୱିକେଟ୍ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା ପାକିସ୍ତାନୀ ଅଧିନାୟକ ଫାତିମା ସନା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ ଫଳରେ ଭାରତ ବ୍ୟାଟିଂ କରିଥିଲା। ଭାରତୀୟ ଷ୍ଟାର କ୍ରିକେଟର ହର୍ଲିନ ଦେଓଲ ୬୫ଟି ବଲ୍ ଖେଳି ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୬ ରନ୍ ସଂଗ୍ରହ କରିଥିଲେ। ହରମନପ୍ରୀତ କୌର ୧୯ ରନ୍, ଜେମିମା ରୋଡ୍ରିଗଜ ୩୨ ରନ, ଦୀପ୍ତି ଶର୍ମା ୨୫ ରନ, ସ୍ନେହ୍ ରାଣା ୨୦ ରନ୍ ଓ ରିଚା ଘୋଷ ଅପରାଜିତ ୩୫ ରନ୍ ସଂଗ୍ରହ କରିଥିଲେ।

# ୧୨୦ କୋଟି ଟଙ୍କାରେ ବାଜି ରାଉତ ସ୍ପୋର୍ଟସ କମ୍ପ୍ଲେକ୍ସ

ଭୁବନେଶ୍ୱର,୫।୧୦(ନି.ପ୍ର): ଭାରତର ଗୌରବ, ଓଡ଼ିଶାର ଗର୍ବ ସହିଦ ବାଜି ରାଉତଙ୍କ ସାହସ ଓ ତ୍ୟାଗ ଓଡ଼ିଆ ଜାତିର ବୀରତ୍ୱ ବଖାଣେ ମାତ୍ର ୧୨ବର୍ଷ ବୟସରେ ସେ ବ୍ରିଟିଶ ଗୁଳି ଆ।ଗରେ ଛାତି ପତେଇଦେଇଥିଲେ ବାଜି ରାଉତଙ୍କ ସାହସ ଯୁବଗର୍ବଙ୍କ ଆଦର୍ଶ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନରେ ବାଜି ରାଉତଙ୍କ ପଥ ଅନୁସରଣୀୟ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଢେଙ୍କାନାଳ ଭୁବନର ବାଜି ରାଉତଙ୍କ ଜନ୍ମସ୍ଥାନ ନୀଳକଣ୍ଠପୁର ଠାରେ ଆ।ୟୋଜିତ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ସମାରୋହରେ ଯୋଗଦେଇ ଆ।ଜି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ବାଜି ରାଉତଙ୍କ ଆ।ଦର୍ଶକୁ ଉଜ୍ଜିବିତ ରଖିବାକୁ ଭୁବନେଶ୍ୱରରେ ଏକ ରାସ୍ତାକୁ ବାଜି ରାଉତଙ୍କୁ ନାମରେ ନାମିତ କରାଯିବା ସହ ବାଜି ରାଉତଙ୍କ ନାମରେ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତି ପିଠରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ବାଲୁକା କଳା ଓ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।

ଆୟୋଜିତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ବାଜି ରାଉତଙ୍କ ସ୍ମୃତି ଚାରଣ କରି କହିଥିଲେ, ଭାରତର କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀଭାବେ ବୀର ବାଳକ ଶହିଦ ବାଜି ରାଉତଙ୍କ ଜୀବନ ସ୍ୱଳ୍ପ, କିନ୍ତୁ ତାଙ୍କର ବୀରଗାଥା ଚିରଦିନ ପାଇଁ ପ୍ରେରଣାଦାୟୀ ତାଙ୍କ କର୍ତ୍ତବ୍ୟ, ଦେଶ ଓ ଜାତି ପାଇଁ ଅବଦାନ ପାଖରେ ଆ।ଜି ଏ ଓଡିଆ। ଜାତି ନତ ମସ୍ତକ ବାଜି ରାଉତଙ୍କର ଅସାଧାରଣ ଦେଶ ପ୍ରେମ, ସାହାସ ଓ ଅସୀମ ତ୍ୟାଗ ଆଜି ଓଡିଆ ଜାତି ପାଇଁ ମହାନ ଗର୍ବ ଓ ଗୌରବର ପ୍ରତୀକ ଏକ ଛୋଟ ଗାଁରେ ଜନ୍ମ ହୋଇଥିଲେ ମଧ୍ୟ ସାରା ଜାତି ଓ ଜନ୍ମଭୂମି ପାଇଁ ମାତ୍ର ୧୨ ବର୍ଷ ବୟସରେ ଜୀବନ ଉତ୍ସର୍ଗ କରି ଆଗାମୀ ପିଢି ନିମନ୍ତେ ସେ ପାଲଟି ଗଲେ ପ୍ରେରଣାର ଉତ୍ସ ଆଜିର ଯୁବ ପିଢି ତାଙ୍କର କର୍ତ୍ତବ୍ୟ ନିଷ୍ଠା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ ସବୁବେଳେ ନିଜ ଜାତିର ସମ୍ମାନ ରଖିବା, ଏବଂ ସମୃଦ୍ଧ ଓଡିଶା,




ବିକଶିତ ଭାରତ ଗଠନରେ ସହିଦ ବାଜି ରାଉତଙ୍କ ପଥକୁ ଅନୁସରଣ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ବରପୁତ୍ର ମାନେ ହେଉଛନ୍ତି ଆମର ଆଦର୍ଶ ଆମ ସରକାର ନିଷ୍ପତ୍ତି ନେଇଛନ୍ତି, ରାଜ୍ୟର ମହାପୁରୁଷ ଓ ମହାମନୀଷୀଙ୍କ ଜୟନ୍ତୀ କିମ୍ବା ବଳିଦାନ ଦିବସ ଭୁବନେଶ୍ୱର ନୁହେଁ, ତାଙ୍କ ଜନ୍ମମାଟିରେ ପାଳନ କରାଯିବାପାଇଁ ଯାହା ଆ।ଜି ପାଳନ ହେଉଛି। ବାଜି ରାଉତଙ୍କ ଗାଁକୁ ବରପୁତ୍ର ଆ।ଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇ ଉନ୍ନତି କାର୍ଯ୍ୟ କରାଯାଉଛି ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳ ଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଯାହା ଯୁବ ପିଢିଙ୍କ କ୍ରୀଡା ପ୍ରତିଥିବା ଉଚ୍ଚ ଆ।ଶାକୁ ଆ।ହୁରି ଆ।ଗକୁ ନେଇଯିବ। ଏହି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଦ୍ୱାରା ଜିଲ୍ଲାରେ କ୍ରୀଡା ଭିତ୍ତିଭୂମି ଅର୍ଥାତ ଯୁବଶକ୍ତିର ଉ□ାନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୁଣି କହିଥିଲେ, ଆମ ସରକାର ଆ।ଗାମୀ ଦଶ ବର୍ଷ ଭିତରେ ଓଡିଶା ବିକାଶର ଦଶା ଓ ଦିଶା ପରିବର୍ତ୍ତନ କରିବାକୁ କ୍ଷେତ୍ର ପ୍ରସ୍ତୁତ କରି ସାରିଛନ୍ତି ୨୦୩୬ରେ ଯେତେବେଳେ ଆମ ସ୍ୱତନ୍ତ୍ର ଓଡିଶାର ଶତାବ୍ଦୀ ଉତ୍ସବ ପାଳନ କରିବା, ସେତେବେଳକୁ ଓଡିଶାର ପ୍ରତ୍ୟେକଟି ଜିଲ୍ଲା ସମୃଦ୍ଧ ହେବ ସମୃଦ୍ଧ ଜିଲ୍ଲା ହିଁ ହେବ, ସମୃଦ୍ଧ ଓଡିଶାର ମୂଳଦୁଆ। ଢେଙ୍କାନାଳ ଜିଲ୍ଲାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ ବ୍ୟୟରେ ହେବାକୁ ଥିବା ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏଥିରେ ୩୦ ହଜାର କୋଟି ଟଙ୍କାର ବ୍ୟୟ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ । ଏଣୁ ଢେଙ୍କାନାଳ ଜିଲ୍ଲାକୁ ଓଡିଶାର ସୌର ଶକ୍ତି ସମୃଦ୍ଧ ଜିଲ୍ଲା ଓ ରାଜ୍ୟର ଅଗ୍ରଣୀ ଜିଲ୍ଲା ଭାବେ ପରିଗଣିତ କରିବା ହେଉଛି ଆ।ମ ସରକାରର ଲକ୍ଷ୍ୟ ଏହିସବୁ ପ୍ରକଳ୍ପ ଯୋଗୁଁ ୨୬ ହଜାର ୪୦୦ଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି ପ୍ରତ୍ୟେକ ନିଯୁକ୍ତି ଅର୍ଥ ହେଉଛି ଗାଁର ଜଣେ ଯୁବକଙ୍କୁ ଆଉ ସ୍ଥାନାନ୍ତରିତ ହେବାକୁ ପଡ଼ିବ ନାହିଁ। ଏଇ ଆମ ଓଡିଶା ମାଟିରେ, ଆ।ମ ଓଡିଆ। ପୁଅ ଚାକିରୀ କରିବ, ନିଜର ଆ।ଉ ଓଡିଶାର ଭବିଷ୍ୟତ ନିର୍ମାଣ କରିବ। ଆ।ଜି ଆ।ମ ଦେଶ ଭାରତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରେ ସୁରକ୍ଷିତ ଅଛି ଏବଂ ଦେଶ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ସବୁସ୍ତରରେ ଅଭୂତପୂର୍ବ ବିକଶିତ ହେଉଛି ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ କରିବା ପାଇଁ ମାନନୀୟ ମୋଦୀ ଜୀ ପରିକଳ୍ପନା କରିଛନ୍ତି ଏବଂ ଏହି ପରିକଳ୍ପନାରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବରପୁତ୍ରଙ୍କୁ ଆ।ଦର୍ଶ କରି ଦେଶ, ଜାତିର ଉନ୍ନତି ହିଁ ଏକମାତ୍ର ଲକ୍ଷ୍ୟ ହେଉ ବୋଲି ସେ କହିଥିଲେ।









# କେନ୍ଦ୍ରାପଡାରେ ଆଜି ପୂଜା ପାଇବେ ମା’ ଗଜଲକ୍ଷ୍ମୀ




କେନ୍ଦ୍ରାପଡ଼ା,**୫।୧୦:(ମନ୍ଥନ)**କେନ୍ଦ୍ରାପଡା ସହରର ମଢିଆଳ ଗଙ୍ଗା ଭଗୀରଥ ପୂଜା କମିଟି ଚଳିତ ବର୍ଷ ତାର ୮୪ତମ ପୂର୍ତ୍ତି ପାଳନ କରିବାକୁ ଯାଇଛି। ପୂଜା କମିଟି ପକ୍ଷରୁ ଚାନ୍ଦି ମେଢ ପ୍ରସ୍ତୁତ କରାଯାଇଥିବା ବେଳେ ସେଥିରେ ସୁନାର ବିଭିନ୍ନ କାରୁକାର୍ଯ୍ୟ କରାଯାଇଛି।ମେଢରେ ବିଭିନ୍ନ ପ୍ରକାର ଲାଇଟ୍ ସାଜସଜା କରାଯାଇଛି। ଚାନ୍ଦି ମେଢରେ ଏକ କ୍ୱିଣ୍ଟାଲ ୭୦କିଲୋଗ୍ରାମ ଚାନ୍ଦି ଲାଗିଥିବା ବେଳେ ୩୦ଗ୍ରାମ ସୁନାରେ ମଧ୍ୟ ହାର ଓ ଅନ୍ୟାନ୍ୟ ଅଳଙ୍କାର ମା’ଙ୍କ ପାଇଁ ନିର୍ମାଣ କରାଯାଇଛି। କଳସ ଯାତ୍ରା ନିମନ୍ତେ କଲିକତାରୁ ପାରମ୍ପରିକ ବାଦ୍ୟଯନ୍ତ୍ର ଓ ନୃତ୍ୟଶିଳ୍ପୀ ଆସି ପହଞ୍ଚିବେ। ଡେକୋରେସନ୍ ପାଇଁ ମଧ୍ୟ କଲିକତାରୁ ଡେକୋରେଟର ଆସିଛନ୍ତି। ସୁନାମ ଧନ୍ୟ କଣ୍ଠଶିଳ୍ପୀ ଶକ୍ତିମିଶ୍ର ଅକ୍ଟୋବର ୧୧ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୧୨ ଓ ୧୩ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମେଲଣ ଓ ଭଷାଣୀ ଉତ୍ସବରେ ସିକାକୁଲମ୍ ବ୍ୟାଣ୍ଡପାର୍ଟି ଓ କଲିକତା ଏବଂ ଢେଙ୍କାନାଳର ଢୋଲ ବାଜା ବାଜିବାର କାର୍ଯ୍ୟକ୍ରମ ରହିଛି। ପୂଜାପର ଠାରୁ ୭ଦିନ ବ୍ୟାପି ଆନନ୍ଦ ଉଲ୍ଲାସ ଓ ଶାନ୍ତି ଶୃଙ୍ଖଳାରେ ଏହି ଉତ୍ସବ ପାଳନ କରିବାକୁ ପୂଜା କମିଟି ସଭାପତି ସୁବାଷ ଚାନ୍ଦ ଓ ସମ୍ପାଦକ ନିଗମାନନ୍ଦ ସାହୁ କେନ୍ଦ୍ରାପଡା ସହରବାସୀଙ୍କୁ ନିବେଦନ କରିଛନ୍ତି। ଚାନ୍ଦିମେଢ ଏବଂ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାପାଇଁ ସମାଜସେବୀ ସମୀର କୁମାର ଚାନ୍ଦ ସମସ୍ତ ମେଢର କର୍ମକର୍ତ୍ତାମାନଙ୍କୁ ନିବେଦନ କରିଛନ୍ତି। ୫୨ ବର୍ଷ ଧରି କଟକର ମୂର୍ତ୍ତିଶିଳ୍ପୀ ବସନ୍ତ ବେହେରାଙ୍କ ଦ୍ୱାରା ମା’ଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ଆସୁଥିବା ବେଳେ ଚଳିତ ବର୍ଷ ପୂଜାରେ କଲିକତାର ପାରମ୍ପରିକ ଢୋଲବାଜା,ଲାଇଟ୍ ଡେକୋରେସନ, କଣ୍ଠଶିଳ୍ପୀ ଶକ୍ତି ମିଶ୍ର ଓ ସିକାକୁଲମ୍ ବ୍ୟାଣ୍ଡପାର୍ଟି ପ୍ରଭୃତି ପୂଜାର ମୁଖ୍ୟ ଆକର୍ଷଣ ରହିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚାନ୍ଦି ମେଢରେ ଚଳିତବର୍ଷ ଲାଇଟ୍ ସାଜସଜାକୁ ଗୌରାଙ୍ଗ ଚରଣ ବେହେରା ଓ ଆଦିତ୍ୟ ଚରଣ ମହାପାତ୍ର ନୂତନ ଭାବେ ସଜେଇଛନ୍ତି।

# କର୍ତ୍ତବ୍ୟ ନିଶା ନିବାରଣ କେନ୍ଦ୍ରର ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

କୁକୁଡାଖଣ୍ଡି,**୫।୧୦:(ମନ୍ଥନ)**ସଦର ଥାନା ଅନ୍ତର୍ଗତ ଲାଠି ରାସ୍ତାରେ ଥିବା ‘କର୍ତ୍ତବ୍ୟ’ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ହେଲେ ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଖାରବେଳନଗରର ସୁଦର୍ଶନ ପାଣିଗ୍ରାହୀ ଙ୍କ ପୁଅ ଅଶୋକ କୁମାର ପାଣିଗ୍ରାହୀ(୩୦)। ତେବେ ଅଶୋକଙ୍କୁ ନିଶା ନିବାରଣ କେନ୍ଦ୍ରରେ ମାଡ ମାରି ହତ୍ୟା କରାଯାଇଥିବା ନେଇ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମ ନିକଟରେ କର୍ତ୍ତବ୍ୟ ନାମକ ଏକ ନିଶା ନିବାରଣ କେନ୍ଦ୍ର ରହିଛି। ଏଠାରେ ବିଭିନ୍ନ ଜିଲାର ୫୦ରୁ ଅଧିକ ଅନ୍ତେବାସୀ ରହୁଛନ୍ତି। ଏଠାକୁ ଆସୁଥିବା ଯୁବକଙ୍କୁ ନିଶା ଛଡାଇବା ପାଇଁ କେନ୍ଦ୍ର ପକ୍ଷରୁ ପ୍ରତ୍ୟେକ ଅନ୍ତେବାସୀଙ୍କ ଠାରୁ ମାସିକ ୬ ହଜାରରୁ ୧୦ ହଜାର ଟଙ୍କା ଆଦାୟ କରାଯାଉଛି। ଏହି କେନ୍ଦ୍ରରେ ଖାରବେଳ ନଗରର ଅଶୋକ କୁମାର ପାଣିଗ୍ରାହୀ ୩ ମାସ ହେବ ରହୁଥିଲେ। ହେଲେ ଗତକାଲି ବିଳମ୍ବିତ ରାତିରେ ଅଶୋକଙ୍କ ସମେତ ଅନ୍ୟ ୩ ଜଣ ଅନ୍ତେବାସୀ ମିଶି ଫେରାର ହୋଇଯିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ରର ତିନି ମହଲା ବିଶିଷ୍ଟ ଛାତ ଉପରକୁ ତଳକୁ ଡେଇଁ ପଡିଥିବା ଅଶୋକଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଅଶୋକଙ୍କ ସମେତ ଅନ୍ୟ ଜଣେ ପାରଳାଖେମୁଣ୍ଡି ର ଆଲୋକ ସାବଡ଼ା ଗୁରୁତର ହୋଇଥିବା ବେଳେ ଆଉ ୨ ଜଣ ଫେରାର ହୋଇ ଯାଇଛନ୍ତି ବୋଲି ସୂଚନା ଦିଆଯାଇଥିଲା। ଗୁରୁତର ଅବସ୍ଥାରେ ଅଶୋକଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କେନ୍ଦ୍ର ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ପରିବାର ଲୋକେ ଏମକେସିଜି ମେଡିକାଲରେ ପହଞ୍ଚିଥିଲେ। ଖବରପାଇ ସଦର ଥାନା ପୁଲିସ ଏମକେସିଜିରେ ପହଞ୍ଚି ଶବ ଜବତ କରିବା ସହ ୨୯/୨୫ରେଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ପରେ ଅଶୋକଙ୍କ ପରିବାର ଲୋକେ ଏହି ନିଶା ନିବାରଣ କେନ୍ଦ୍ର ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି ଯ ଅଶୋକ ଛାତ ଉପରୁ ଡେଇଥିବା କେନ୍ଦ୍ର ପକ୍ଷରୁ କୁହାଯାଉଥିଲେ ମଧ୍ୟ ତାକୁ ନେଇ ଆମର ସନ୍ଦେହ ହେଉଛି ବୋଲି ତାଙ୍କ ପତ୍ନୀ ଗଣାମାଧ୍ୟମକୁ ଜଣାଇଛନ୍ତି। ତାଙ୍କୁ କେହି ମାଡ ମାରି ହତ୍ୟା କରିଥିବା ସନ୍ଦେହ ହେଉଥିବାରୁ ସେ ଦିଗରେ ତଦନ୍ତ କରାଯାଉ ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ଏପଟେ ଏହି ଘଟଣା ପରେ କେନ୍ଦ୍ରରେ ରହୁଥିବା ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦ୍ରର ଅନ୍ତେବାସୀଙ୍କ ତାଲା ବନ୍ଦ କରି ରଖା ଯାଉଥିବା ବେଳେ କେଉଁ ପରିସ୍ଥିତିରେ ସେମାନେ ଛାତ ଉପରକୁ ଗଲେ ଓ ଏହି ସମୟରେ କେନ୍ଦ୍ରର କର୍ମଚାରୀମାନେକଣ କରୁଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି।

# ସାଉନ୍ତେଶ୍ୱରୀ ଦେବୀଙ୍କ ପୁସ୍ତକ ଉନ୍ମୋଚନ

ବଲାଙ୍ଗିର, **୫।୧୦:(ମନ୍ଥନ)**ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତପୁର ଗ୍ରାମ ରେ ମାଁ ସାଉନ୍ତେଶ୍ୱରୀ ମନ୍ଦିରରେ ସାଉନ୍ତେଶ୍ୱରୀ ଦେବୀଙ୍କ ପୀଠ ରେ ପୂଜାର୍ଚ୍ଚନା କରି ଏକ ସଭା ଆୟୋଜିତ ହୋଇଥିଲା। ସଭାକୁ ସ୍ୱାଗତ ଭାଷଣ ଦେଇଥିଲେ ଜଗବନ୍ଧୁ ପ୍ରଧାନ, ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଡା. ରୁଦ୍ର ନାରାୟଣ ପଟେଲ, ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର ମଂଚସିନ ହୋଇଥିବା ବେଳେ ପରିଚାଳନା କରିଥିଲେ ପ୍ରଦୀପ କୁମାର ପ୍ରଧାନ। ଯୁଗେ ଯୁଗେ ସାଉନ୍ତେଶ୍ୱରୀ ଦେବୀ ପୁସ୍ତକ ଉନ୍ମୋଚିତ କରିଥିଲେ ପଦ୍ମଶ୍ରୀ ହଳଧର ନାଗ। ଏହି ପୁସ୍ତକରେ ଦେବୀ ଙ୍କ କିମ୍ବଦନ୍ତି, ଐତିହ୍ୟ ଓ ତନ୍ତ୍ରମନ୍ତ୍ର ଯନ୍ତ୍ର ଓ ଦେବୀଙ୍କ ମହିମା ପୂଜାର୍ଚ୍ଚନା ଉପରେ ଓ ୧୬ ପୂଜା ଓ ଦେବୀଙ୍କ ଅର୍ବିଭାବ ଏହି ପୁସ୍ତକରେ ସ୍ଥାନ ପାଇଛି। ପଦ୍ମଶ୍ରୀ ହଳଧର ନାଗ ଏହି ସାଉନ୍ତେଶ୍ୱରୀ ଦେବୀଙ୍କ ଉପରେ ଏକ କାବ୍ୟ ଲେଖିବେ ଏବଂ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ଏବଂ ପଶ୍ଚିମ ଓଡିଶାର ବିଭିନ୍ନ ଦେବାଦେବୀ ପୀଠ ର ସୁରକ୍ଷା ପାଇଁ ପ୍ରଦାନ କରିବେ। ଏହି ପୁସ୍ତକ କୁ ଲେଖକ ଉକାଳୁ ସା, ପ୍ରକାଶକ ସୁଦର୍ଶନ ଓ ହୃଷିକେଶ ସ୍ୱାଇଁ କରିଥିବା ବେଳେ ସହଯୋଗ କରିଥିଲେ ମନୋଜ ସାହୁ, ସୁବ୍ରତ ପଧାନ, ମୁକେଶ ମାଲବ୍ୟ ସାହୁ, ଲଳିତ ଭୋଇ, ଗରିବ ସାହୁ, ରୋହିତ ପଧାନ, ଦୁର୍ଗା ଭୁଏ। ଧନ୍ୟବାଦ ଅର୍ପଣ କରିଥିଲେ ରାମ ଗୋପାଳ ଭୁଏ। ଏହି ଅବସରରେ କୁନି କୁନି ପିଲାମାନେ ଲେତପାଲି ଡ୍ୟାନ୍ସ ଗ୍ରୁପ ନୃତ୍ୟ ପରିବେଷଣ କରିଥିଲେ।

# ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସଭା

ତେଲାଙ୍ଗ, **୫।୧୦:(ମନ୍ଥନ)**ଓଡିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ଗାନ୍ଧୀ ସ୍ମାରକୀ ସମିତି ବେରବୋଇ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବେରବୋଇ ସ୍ଥିତ ସେବା କୁଟୀର ଠାରେ ଗାନ୍ଧିଜୀ ଙ୍କ ସ୍ମୃତି ଉଦେଶ୍ୟରେଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି।ଶିକ୍ଷାବିତ କୁନ୍ତଳା କୁମାରୀ ବିଶ୍ୱାଳ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ଭୁବନେଶ୍ୱର ସ୍ଥିତ ଦୁର୍ନୀତି ନିବାରଣ ପ୍ରଶିକ୍ଷଣ କେନ୍ଦ୍ର ଉପନିର୍ଦ୍ଦେଶକ ଦିଲ୍ଲୀପ କୁମାର ଛୋଟରାୟ ମୁଖ୍ୟ ଅତିଥି, ଗାଦିବ୍ରହ୍ମ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡ଼ ସରୋଜ କୁମାର ପଣ୍ଡା ମୁଖ୍ୟବକ୍ତା, ବରିଷ୍ଠ ଶିଶୁ ସାହିତ୍ୟିକ ଡ଼ ହେମନ୍ତ କୁମାର ଛୋଟରାୟ ସମ୍ମାନିତ ଅତିଥି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅଧାପକ ଡ଼ ଜ୍ଞାନରଞ୍ଜନ ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡ଼ିଶାରେ ଗାନ୍ଧିବାଦୀ ଚିନ୍ତାଧାରା ର ପ୍ରତିଫଳନ ସମ୍ପର୍କରେ ଆଲୋକପାତ



କରିଥିଲେ। ପିପିଲି ମହାବିଦ୍ୟାଳୟ ର ଅଧାପକ ଡ଼ ସଂଗ୍ରାମ କେଶରୀ ପରିଡା ସଭା ସଂଯୋଜନାକରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ସମ୍ଭାଷଣ ପ୍ରଦାନକରିଥିଲେ। ଭାରତ ସ୍ୱାଧୀନତା ପୂର୍ବରୁ ଓ ପରେ ଦୁଇଟି ପର୍ଯ୍ୟାୟରେ ଓଡ଼ିଶାରେ ଗାନ୍ଧିବାଦୀ ଚିନ୍ତାଧାରା ର କିପରି ଭାବରେ ସକାରାତ୍ମକ ଓ ନକାରାତ୍ମକ ପ୍ରତିଫଳନ ସୃଷ୍ଟି ହୋଇଛି ତାହା ଅତିଥିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶେଷରେ ଗାନ୍ଧୀ ସ୍ମାରକୀ ସମିତି ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ରେ ଭାଗିରଥି ପରିଡା, କସ୍ତୁରବା ଟ୍ରଷ୍ଟ ସଂଚାଳିକା କବିତାରାଣୀ ପରିଡା, ସନ୍ତୋଷ ବିଶ୍ୱାଳ, ସୁରେଶ ମନ୍ତ୍ରୀ, ଶିକ୍ଷାବିତ ସନ୍ତୋଷ ମିଶ୍ର, ସରୋଜିନୀ ଜେନା, ଗାନ୍ଧୀ ବାର୍ତ୍ତା ପ୍ରଚାରକ ଅନାମ ମଲ୍ଲିକ, ଶିକ୍ଷକ ତଥା ସଂସ୍କୃତିପ୍ରେମୀ ଅଭୟ ଚରଣ ସାହୁ, ଆଇନଜୀବୀ ହୃଷିକେଶ ପାଢ଼ୀ, ଅମରେନ୍ଦ୍ର ବାରିକ,ରୋହିତ ଚମ୍ପତି, ହରିହର ବଳବନ୍ତରାୟ,ପ୍ରବଚକ ଶରତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଖୁଆଡ଼ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୦୦୯ ବ୍ୟାଚର ବନ୍ଧୁ ମିଳନ ଉତ୍ସବ

ଜଳେଶ୍ୱର, **୫।୧୦:(ମନ୍ଥନ)**ପୁରୁଣା ଦିନ ଗୁଡ଼ିକର ସ୍ମୃତିକୁ ପୁଣି ଥରେ ଉଜ୍ଜୀବିତ କରିବା ପାଇଁ ଏକ ସୁନ୍ଦର ପ୍ରୟାସକୁ ନିଜ ନିଜ ଭିତରେ ସାଇତି ରଖିବାକୁ ଏକ ଛୋଟ ଅଭିଳାଷକୁ ବନ୍ଧୁ ମାନଙ୍କ ମଧ୍ୟରେ ବାଣ୍ଟି ନେବାକୁ ଆଜି ପୂର୍ବାହ୍ନରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୦୦୯ ଦଶମ ବ୍ୟାଚ ବନ୍ଧୁମାନଙ୍କୁ ନେଇ ସ୍ଥାନୀୟ ଷ୍ଟାଡିୟମ ପରିସରରେ ବିତି ଯାଇଥିବା ସେହି ପିଲାଦିନର ପାଠ ପଢା ସମୟକୁ ୧୬ ବର୍ଷ ତଳର ସ୍ମୃତିକୁ ନିଜ ଭିତରେ ବାନ୍ଧି ରଖିବାକୁ ଏକ ଛୋଟ ପ୍ରୟାସ ପାଇଁ ସମସ୍ତ ସାଙ୍ଗ ମାନେ ଏକତ୍ରିତ ହୋଇ କେକ୍ କାଟି ଓ ଭୋଜି ଭାତର ଆୟୋଜନ କରିଥଲେ। ଏଥିରେ ତାପସ ଦାସ, ଅଂଶୁ ମୋଚନ ଘୋଷ, ଚନ୍ଦ୍ରକାନ୍ତ ପାତ୍ର, ଅଂଶୁ ମୋଚନ ପ୍ରଧାନ, ସ୍ୱାଗତିକା,ସୂର୍ଯ୍ୟକାନ୍ତି , ବିଶ୍ୱଜିତ ମହାନ୍ତି, ବିନ୍ଧୁଶ୍ରୀ, ଅମ୍ବିକା, ବ୍ରଜକିଶୋର, ଶ୍ରାବଣୀ, ଅନିତା, ମଞ୍ଜୁଲତା, ସୁମିତ୍ରା, ପିଙ୍କିରାଣୀ, ସୁପ୍ରଭା, ଚନ୍ଦନ , ରାନୁସୂୟା, ସୁଚିସଞ୍ଚିତା, ସନତପ୍ରିୟ, ବାବୁଲା, ଚିତ୍ତ, କେଶବ, ପୂର୍ଣ୍ଣ, ସଞ୍ଜୀବ, ଦିନୁ , ଶର୍ମିଷ୍ଠା, ବାହାଦୁର, ସଞ୍ଜୟ, ମୋନାଲିସା, ଭବାନୀ, ଦିବ୍ୟାଭାରତୀ, ବିଜୁ ପ୍ରମୁଖ ସାଙ୍ଗସାଥୀ ମାନେ ଉପସ୍ଥିତ ରହିଥିଲେ।

# ଓଡ଼ିଶା ରାଜ୍ୟ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅର୍ଗାନାଇଜେସନ୍‌ର ରାଜ୍ୟସ୍ତରୀୟ ବୈଠକ

ଭୁବନେଶ୍ୱର, **୫।୧୦:(ମନ୍ଥନ)** ଆଜି ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅର୍ଗାନାଇଜେସନ୍‌ର ରାଜ୍ୟସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମସ୍ତ ଜିଲ୍ଲାର ନୂତନ ଭାବେ ଗଠନ ହୋଇଥିବା ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ର ସଭାପତି ଓ ସମ୍ପାଦକମାନେ ଏକାଠି ହୋଇ ସେମାନଙ୍କର ଦାବି ଓ କର୍ମକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ରାଜ୍ୟ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍ ଅର୍ଗାନାଇଜେସନ୍ର ରାଜ୍ୟ ସଭାପତି ଗୁପ୍ତେଶ୍ୱର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଧାରଣସଭାରେ ରାଜ୍ୟ ବିଜେପିର ପୂର୍ବତନ ସଭାପତି ତଥା ବର୍ତ୍ତମାନର ରାଜ୍ୟ ଅଲମ୍ପିକ୍ ଆସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ, ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମସ୍ତ ଜିଲ୍ଲାରୁ ଆସିଥିବା ସଭାପତି ଓ ସମ୍ପାଦକମାନଙ୍କର ସମସ୍ୟା ବିଷୟରେ ଅବଗତ ହୋଇଥିଲେ ଏବଂ ରାଜ୍ୟ ସରକାରଙ୍କୁ ସେମାନଙ୍କର ଦୁଃଖ ଓ ସମସ୍ୟା ଜଣାଇ ଖୁବ୍‌ଶୀଘ୍ର ସମାଧାନର ରାସ୍ତା ବାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟତଃ ୩ ଦଫା ଦାବି ନେଇ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ର ସଭାପତି ଓ ସମ୍ପାଦକମାନେ ଅତିଥିମାନଙ୍କୁ ଜଣାଇବା ସହ ଦାବି ପୂରଣ ପାଇଁ ଅନୁରୋଧ କରିଥିଲେ। ଦାବିଗୁଡ଼ିକ ହେଲା (୧) ନୂତନ ପ୍ୟାକ୍ସମାନଙ୍କରେ ସ୍ଥାୟୀ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ (୨) ନୂତନ ପ୍ୟାକ୍ସର ସମସ୍ତ ଦାୟିତ୍ୱ ସମ୍ପାଦକମାନଙ୍କୁ ପ୍ରଦାନ କରି ପ୍ୟାକ୍ସ ଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଅନୁମତି ପ୍ରଦାନ। (୩) ସମସ୍ତ ସମ୍ପାଦକମାନଙ୍କୁ ମାସିକ ବେତନ ସହ ବିଗତ ବର୍ଷ ଗୁଡ଼ିକରୁ ବକେୟା ଥିବା ବେତନ ପ୍ରଦାନ। ମୁଖ୍ୟଅତିଥି ସମୀର ମହାନ୍ତି କହିଥିଲେ ଯେ, ରାଜ୍ୟରେ ପ୍ରଥମଥର ପାଇଁ ନୂତନ ରାଜନୈତିକ ସଂସ୍କୃତି ଓ ନୂତନ ବିଚାରାଧାରାର ସରକାର ଗଠନ ହୋଇଛି ଓ ଏ ସରକାର ଲୋକଙ୍କ ସରକାର, ଲୋକମାନଙ୍କର ସବୁ ସମସ୍ୟାର ସମାଧାନ ଉପରେ ଅହରହ ଚେଷ୍ଟା କରୁଛନ୍ତି। ଆପଣମାନେ ସମବାୟ ସଂସ୍ଥାର ମେରୁଦଣ୍ଡ ହୋଇଥିବାରୁ ଆପଣମାନଙ୍କ ସମସ୍ୟା ସମାଧାନ ପାଇଁ ମୁଁ ବ୍ୟକ୍ତିଗତ ଭାବେ ସରକାରଙ୍କ ସହିତ ଆଲୋଚନା କରି ସମାଧାନ କରିବାକୁ ଚେଷ୍ଟା କରିବି। ସମ୍ମାନିତ ଅତିଥି ଗୋଲକ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟରେ ସମବାୟ ନୀତି ଶତପ୍ରତିଶତ ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ଆମ ସରକାର ନୀତି ସ୍ୱଷ୍ଟ ଓ ଲକ୍ଷ୍ୟ ମଧ୍ୟ ସ୍ୱଷ୍ଟ ଅଟେ। ଆପଣମାନଙ୍କର ବହୁଦିନର ସମସ୍ୟାଗୁଡ଼ିକ ଉପରେ ସମବାୟ ମନ୍ତ୍ରୀ, ସଚିବ ଏବଂ ରେଜିଷ୍ଟ୍ରାରଙ୍କ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ଚେଷ୍ଟା ଜାରି ରଖିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ରାଜ୍ୟ ନୂତନ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ର ସାଧାରଣ ସମ୍ପାଦକ ଲିପୁନ୍ ବସ୍ତିଆ ସ୍ୱାଗତ ଭାଷଣ ଦେବାସହ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ବିଶିଷ୍ଟ ସମବାୟବିତ୍ ପ୍ରିୟବ୍ରତ ସ୍ୱାଇଁ ଓ ସୌଭାଗ୍ୟ ପାତ୍ର ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ପରିଚାଳନା କରିବା ସହ ଏକଜୁଟ୍ ହୋଇ ଭବିଷ୍ୟତରେ ନିଜ ଦାବି ହାସଲ କରିବା ପାଇଁ ସରକାରଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସଭା ଶେଷରେ ଉପସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ମଜଦୁର ସଙ୍ଘ ଓଡିଶା ପ୍ରଦେଶର ୧୪୮ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ପାରାଦୀପ,**୫।୧୦:(ମନ୍ଥନ)**ଭାରତୀୟ ମଜଦୁର ସଙ୍ଘ (ବିଏମଏସ) ଓଡିଶା ପ୍ରଦେଶର ୧୪୮ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପାରାଦୀପ ସ୍ଥିତ ପୋର୍ଟ କ୍ଲବ ପରିସରରେ ଚଳିତ ଅକ୍ଟୋବର ୪ ଓ ୫ ତାରିଖ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ବାଦଲ କୁମାର ମହାରଣା ଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଭାରତୀୟ ମଜଦୁର ସଙ୍ଘ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବି. ସୁରେନ୍ଦ୍ରନ ଜୀ, ସହ ସଂଗଠନ ସମ୍ପାଦକ ଗଣେଶ ମିଶ୍ର ଙ୍କ ଉପସ୍ଥିତିରେ ଓଡିଶା ଓଡିଶା ରାଜ୍ୟର ୩୦ ଜିଲ୍ଲାରୁ ଜିଲ୍ଲା ସଭାପତି ଓ ସମ୍ପାଦକ, ସମସ୍ତ ରାଜ୍ୟ ପଦାଧିକାରୀ ଓ ପ୍ରଭାରୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାର ଙ୍କ ଦ୍ୱାରା ଶ୍ରମିକ ମାନଙ୍କ ବିରୁଦ୍ଧରେ ଯେଉଁ ଗେଜେଟ ନୋଟିଫିକେସନ ଜାରି ହୋଇଛି ସେ ବିଷୟରେ ଆଲୋଚନା କରିଥିଲେ। ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ସାଧାରଣ ସମ୍ପାଦକ ପୃଥ୍ୱୀରଜପଣ୍ଡା ପ୍ରସ୍ତାବ ଆଗତ କରିଥିଲେ ଯାହା ସର୍ବସମ୍ମତି କ୍ରମେ ଆଦୃତ ଓ ପାରିତ ହୋଇଥିଲା। ଏହି ବୈଠକରେ ଆସନ୍ତା ୨୦୨୬ ବର୍ଷ ଫେବୃଆରୀ ୬, ୭, ୮ ତାରିଖ ତିନିଦିନ ଧରି ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ୨୧ ତମ ତ୍ରୟବାର୍ଷିକ ଅଖିଳ ଭାରତୀୟ ଅଧିବେସନ କୁ ସଫଳ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ସଂଘର ଏକ ପୋଷ୍ଟର ଓ ବ୍ୟାନର ଉନ୍ମୋଚନ କରାଯାଇଥିଲା। ଏତଦବ୍ୟତୀତ ଗତ ୨୯ ତାରିଖରେ ସରକାରଙ୍କ ଦ୍ୱାରା ସପ ଆଣ୍ଡ କମରସିଆଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ କୁ ସଂଶୋଧନ ଉପରେ ଚର୍ଚ୍ଚା କରଯାଇଥିଲା। ବିଶେଷ କରି କାର୍ଯ୍ୟ ସମୟ ୮ ଘଣ୍ଟାକୁ ବୃଦ୍ଧି କରି ୧୦ ଘଣ୍ଟା ଓ ମହିଳା ଶ୍ରମିକ ରାତିରେ କାମ କରିବାକୁ ଭାରତୀୟ ମଜଦୁର ସଙ୍ଘ ବିରୋଧ କରୁଛି ଏବଂ ଆଗାମୀ ଦିନରେ ଜିଲ୍ଲାପାଳ ଙ୍କ ମାଧ୍ୟମରେ ଏବାବଦରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ଓ ଜିଲ୍ଲା ସ୍ତରରେ ଆନ୍ଦୋଳନ କରିବା ପାଇଁ ନିଷ୍ପତି ନିଆଯାଇଛି। ପାରାଦୀପ ର ବିଭିନ୍ନ ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଠିକା ଶ୍ରମିକ ମାନଙ୍କ ପାଇଁ ମଧ୍ୟ ଭାରତୀୟ ମଜଦୁର ସଙ୍ଘ ପକ୍ଷରୁ ଲଢେଇ ଜୋରଦାର କରାଯିବା ପାଇଁ ନିଷ୍ପତି ହୋଇଥିବା ନେଇ ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକ ଆହୁତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ।

# ଜାତୀୟ ଜୁନିଅର କିକ ବକ୍ସିଂ ରେ ସ୍ୱର୍ଣ୍ଣ ପଦକ ବିଜେତା ଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଶିଳ୍ପମନ୍ତ୍ରୀ

ପାରାଦୀପ, **୫।୧୦:(ମନ୍ଥନ)**ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ, ଇଣ୍ଡିଆନ ଅଲମ୍ପିକ ଆସୋସିଏସନ ଏବଂ ୱାକୋ ଆମେରିକ କିକ ବକ୍ସିଂ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଜୁନିଅର କିକ ବକ୍ସିଂ ପ୍ରତିଯୋଗିତା ଗତ ସେପ୍ଟେମ୍ବର ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ ହିମାଂଚଳ ପ୍ରଦେଶ ର ସୋଲାନ ଠାରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତା ରେ ୨୮ ଟି ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶରୁ ୭୧୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଓଡିଶା ରାଜ୍ୟରୁ ୨୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଏବଂ ସେଥି ମଧ୍ୟରୁ ଜଗତସିଂହପୁର ଜିଲ୍ଲା ରୁ ଚୟନ ହୋଇଥିବା ଏକମାତ୍ର ଖେଳାଳି ଶୁଭଶ୍ରୀ ପ୍ରଧାନ ସମସ୍ତ ରାଜ୍ୟର ଖେଳାଳି ମାନଙ୍କୁ ପରାସ୍ତ କରି ୫୨ କେଜି ବର୍ଗ ରିଙ୍ଗ ଫାଇଟ ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଏବଂ ଆଗକୁ ହେବାକୁ ଥିବା ଏସିଆନ ଗେମ ପାଇଁ ମନୋନୀତ ହୋଇଛନ୍ତି। ଓଡିଶା ର ଖେଳାଳି ମାନେ ଜଗତସିଂହପୁର ଜିଲ୍ଲା କିକ ବକ୍ସିଂ ସଭାପତି ତଥା କୋଚ ଅମର ଜ୍ୟୋତି ରାଉତ ଙ୍କ ନେତୃତ୍ୱ ରେ ଜାତୀୟ ପ୍ରତିଯୋଗିତା ପାଇଁ ହିମାଂଚଳ ପ୍ରଦେଶ ଗସ୍ତ କରିଥିଲେ। ତେବେ ଶୁଭଶ୍ରୀ ଙ୍କ ଏହି ସଫଳତା ପାଇଁ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଖେଳାଳି ଏବଂ କୋଚ ଙ୍କୁ ଭେଟ ସେମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଆଗାମୀ ଦିନରେ ଏସିଆନ ତଥା ଅଲମ୍ପିକ ରେ ଜଗତସିଂହପୁର ର ଖେଳାଳି ମାନେ ଅଂଶଗ୍ରହଣ କରିବେ ସେଥିପାଇଁ ସମସ୍ତ ସହଯୋଗ କରିବେ ବୋଲି ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି।



# ତ୍ରୟୋମାସିକ ଆଧ୍ୟାତ୍ମିକ ପତ୍ରିକା ଭାବକୁ ନିକଟ ପୁସ୍ତକ ଉନ୍ମୋଚିତ

ପିପିଲି,**୫।୧୦:(ମନ୍ଥନ)**ପୁରୀ ଜିଲ୍ଲା ପିପିଲି ବ୍ଲକ ତେଇସିପୁର ପଂଚାୟତ ଅର୍ନ୍ତଗତ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନାପୀଠ, ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଥିବା ମା ବିମଳାଙ୍କ ମନ୍ଦିର ନିକଟରେ ଭକ୍ତ ଦାସିଆ। ଆଞ୍ଚଳିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ବିନାୟକ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତ୍ରୟୋମାସିକ ଆଧ୍ୟାତ୍ମିକ ପତ୍ରିକା ‘ଭାବକୁ ନିକଟ’ର ଦଶମ ବର୍ଷର ତୃତୀୟ ସଂସ୍କରଣ ଉନ୍ମୋଚିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ସିଂ, ଶିକ୍ଷାବିତ୍ ଡଃ ଚିତ୍ତରଞ୍ଜନ ମିଶ୍ର, ଡଃ ବାସନ୍ତୀ ଦାସ, ବୃନ୍ଦାବନ ମହାପାତ୍ର, ସମାଜସେବୀ ଶ୍ରୀମତୀ ମନୋରମା ମହାପାତ୍ର, ଗୋପାବଳ ବିଶିଷ୍ଟ ସଂଗୀତଜ୍ଞ ଅଜୟ ଦାସ, ଅର୍ଥନୀତିଜ୍ଞ ତ୍ରିନାଥ ଲେଙ୍କା, ଜଗନ୍ନାଥ ସଂସ୍କୃତି ପରିଷଦର ସଂପାଦକ ଡଃ ନାରାୟଣ ମହାପାତ୍ର, ଅକ୍ଷୟ ସାହୁ, ମହେନ୍ଦ୍ର ପ୍ରଧାନ, ଆଡଭୋକେଟ୍ ସରୋଜ କୁମାର ପରିଡ଼ା, ଆଞ୍ଚଳିକ କମିଟିର ସଦସ୍ୟ ସଦାଶିବ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ଦାସ, ପଞ୍ଚୁଜେନା,



ବ୍ରଜବନ୍ଧୁ ପ୍ରଧାନ, ରାଜନ ଛାଟୋଇ, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ଗିରିଧାରୀ ପଲାଇ, କୃଷ୍ଣଚନ୍ଦ୍ର ରାଉତ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଥିବା ୧୦ ଜଣ କୃତି ସମ୍ପର୍ଣ୍ଣ ବ୍ୟକ୍ତିମାନଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର, ଏବଂ ଭକ୍ତ ଦାସିଆ। ସ୍ମୃତି କମିଟି ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନରେ ଭାଗବତ ପାଠ ପାଇଁ ଗୋବିନ୍ଦ ପ୍ରଧାନ, ସାଗର ବଳ, ପୁରାତନ ଶ୍ରୀଜଗନ୍ନାଥ ଭଜନ ପାଇଁ ମୋନାଲିସା ରାଉତ, ବର୍ଷାରାଣୀ ବଳ, ସୋନାଲିସା ପଲେଇ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଚନ୍ଦ୍ରଶେଖର ସ୍ୱାଇଁ ପାରମ୍ପରିକ ବାଦ୍ୟ ପାଇଁ ନିରଞ୍ଜନ ସାହୁ, ସର୍ବେଶ୍ୱର ପାଣି, ଏବଂ ଚିତ୍ରଶିଳ୍ପ ପାଇଁ ସୁଦାମ ବଳିୟାରସିଂଙ୍କୁ ସମ୍ମାନ୍ନିତ କରାଯାଇ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ ସଭା ପରିଚାଳନା କରିଥିଲେ।

# ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ନିର୍ବାଣ ନୃତ୍ୟ ଉତ୍ସବ

ବ୍ରହ୍ମପୁର, **୫।୧୦:(ମନ୍ଥନ)** ସ୍ଥାନୀୟ ଗଞ୍ଜାମ କଳା ପରିଷଦ ଠାରେ ଶନିବାର ସନ୍ଧ୍ୟାରେ ଓଡ଼ିଶୀ ସାଧନା ପୀଠ ପକ୍ଷରୁ ଅନୁଷ୍ଠାନର ବର୍ଷ ୧୦ ବର୍ଷ ପୂର୍ଣ୍ଣ ଉପଲକ୍ଷେ ନିର୍ବାଣ ନୃତ୍ୟ ଉତ୍ସ ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମାନ୍ୟବର ବିଧାୟକ କେ.ଅନୀଲ କୁମାର ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ରୂପେ ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀର, ବରିଷ୍ଠ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ନିଶାଙ୍କ, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ନୃତ୍ୟ ଗୁରୁ ଶ୍ରୀ ଜୟନ୍ତ ଆଚାର୍ଯ୍ୟ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହକାରୀ ନିର୍ଦ୍ଦେଶକ ଅନିଲ କେରକେଟା ପ୍ରମୁଖ ଯୋଗଦେଇ ଓଡ଼ିଶୀ ନୃତ୍ୟ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ଅନୁଷ୍ଠାନ ତରଫରୁ ଅତିଥି ମାନଙ୍କ ଦ୍ୱାରା ୪ଜଣ ଶ୍ରେଷ୍ଠ ବ୍ୟକ୍ତି ମାନଙ୍କୁ ବିଭିନ୍ନ ପୁରସ୍କାର ପ୍ରଦାନ କରାଇଥିଲା ସେମାନେ ହେଲେ, ପଦ୍ମଶ୍ରୀ ଗୁରୁ ଦୁର୍ଗା ଚରଣ ରଣବୀରଙ୍କୁ ଓଡିଶା ଆଦର୍ଶ



ସମ୍ମାନ ପ୍ରଦାନ କରାଯାଇଥିବା ବେଳେ, ଗୁରୁ ସତ୍ୟବାଦୀ ସାହୁଙ୍କୁ ଶୀରୋମଣୀ ସମ୍ମାନ, ଆର୍ନ୍ତଜାତିକ ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ଗାୟତ୍ରୀ ରଣବୀରଙ୍କୁ ଶ୍ରେଷ୍ଠ ଉପାସକ ସମ୍ମାନ ଏବଂ ସୁଶ୍ରୀ ସୃଷ୍ଟି ସାହୁଙ୍କୁ ନୃତ୍ୟ ଗୁରୁ ସୂରଜ କୁମାର ସାହୁଙ୍କ ପିତା ସ୍ୱର୍ଗତ ସତ୍ୟ ନାରାୟଣ ସାହୁଙ୍କ ସ୍ମୃତିରେ ସ୍ୱର୍ଗତ ସତ୍ୟ ନାରାୟଣ ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମରେ ଆୟୋଜକ ତଥା ସମ୍ପାଦକ ଗୁରୁ ଶ୍ରୀ ସୁରଜ୍ କୁମାର ସାହୁ ନିଜ ବକ୍ତବ୍ୟରେ ଉତ୍ସବର ମୂଳ ଲକ୍ଷ୍ୟ ଉପରେ ବକ୍ତବ୍ୟ ରଖିଥିଲେ ଯେ, ଆମ ସଂସ୍କୃତି ଆଉ ପରମ୍ପରାକୁ ବାଜାୟ ରଖୀ ଓଡିଶୀ ନୃତ୍ୟକୁ ପରିବେଷଣ କରିବା, ଓଡ଼ିଶୀ ନୃତ୍ୟ ଯାହା କି ଓଡିଶାର ଏକ ଶାସ୍ତ୍ରୀୟ ନୃତ୍ୟ, ଯାହାକୁ କି ଆମର ପରବର୍ତ୍ତୀ ପୀଢ଼ି ମାନଙ୍କ ମନରେ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାର ଏକ ସ୍ୱତନ୍ତ୍ର ମାର୍ଗ ହେଉଛି ଏହି ନିର୍ବାଣ ନୃତ୍ୟ ଉତ୍ସବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଓଡୀଶୀ ନୃତ୍ୟ ଗୁରୁ ଶ୍ରୀ ସାହୁ କହିଛନ୍ତି। ସଭାକାର୍ଯ୍ୟ ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଶ୍ରୀ ସୁରଜ ଭଗବାନ ବିଷ୍ଣୁଙ୍କ ଦଶାବତାର ନୃତ୍ୟ ପରିବେଷଣ କରି ଅତିଥି ଏବଂ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ସହ ସୁଦୂର ଭୁବନେଶ୍ୱରର ଆର୍ନ୍ତଜାତିକ ଓଡ଼ିଶୀ ଗୁରୁ ଶ୍ରୀମତୀ ଗାୟତ୍ରୀ ରଣବୀର ଅଭିନୟ କୁନ୍ତୀ ଏବଂ ସୁଶ୍ରୀ ସୃଷ୍ଟି ସାହୁ ଦୁର୍ଗା ସ୍ତୁତି ପରିବେଷଣ କରି ସମସ୍ତଙ୍କ ମନ ମୋହୀ ନେଇଥିଲେ। ସେହିପରି ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ମଙ୍ଗଳାଚରଣ, ପଲ୍ଲବୀ, ଅଭିନୟ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ସଢରା ନୃତ୍ୟ, ରାଜସ୍ଥାନୀ ନୃତ୍ୟ, ବ୍ରହ୍ମପୁରର ସଂରଚନା, ଉତ୍କଳୀକା ନୃତ୍ୟାନୁଷ୍ଠାନ ଓ ନୃତ୍ୟ କ୍ଷେତ୍ରର କଳାକାର ମାନେ ମଧ୍ୟ ତାଙ୍କ ଚମତ୍କାର ନୃତ୍ୟ ପରିବେଷଣ କରିଥିଲେ। ଏହି ଉତ୍ସବରେ ପ୍ରାୟ ୧୦୦ ଜଣ ନୃତ୍ୟ ଶିଳ୍ପୀ ନୃତ୍ୟ ପରିବେଷଣ କରିଥିବା ବେଳେ, ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଝରଣା ପଣ୍ଡାଙ୍କ ପରିଚାଳନାରେ ନିବେଦିତା ମହାନ୍ତି, ସ୍ୱପ୍ନାରାଣୀ ସାବତ, ଲଳିତା ସାହୁ, ଲୋପାମୁଦ୍ରା ସାହୁ, ଲତା ସିଂ, ବିନାୟକ ବେହେରା, ଗୌରୀ ମହାନ୍ତି, ସୁଚିତ୍ରା ପଣ୍ଡା ପରିଚାଳନରେ ସହଯୋଗ କରିଥିଲେ। ସଭା କାର୍ଯ୍ୟକୁ ସୋନାଲି ସାହୁ ଏବଂ ଶିବାନନ୍ଦ ବାରିକ ସଂଚାଳନ କରିଥିବା ବେଳେ, ଶେଷରେ ପ୍ରତିଷ୍ଠାତା ଗୁରୁ ଶ୍ରୀ ସାହି ଧନ୍ୟବାଦ ଅର୍ପଣ କରିଥିଲେ।



# ବଳଭଦ୍ର ମାଝୀଙ୍କ ବିଭିନ୍ନ ବିଭାଗୀୟ ସମୀକ୍ଷା ବୈଠକ

ନବରଙ୍ଗପୁର,୫।୧୦:(ମନ୍ଥନ)ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅପରାହ୍ନ ୩.୦୦ ଘ ସମୟରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ମାନ୍ୟବର ବିଧାୟକ ଝରିଗାଁ ନରସିଂହ ଭତରା, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ ( ରାଜସ୍) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ଡି ଏଫ୍ ଓ ଶୁଭେନ୍ଦୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସାଂସଦ ବଳଭଦ୍ର ମାଝି ଜିଲ୍ଲାରେ ଶିକ୍ଷା,ସ୍ୱାସ୍ଥ୍ୟ,ସାମାଜିକ ସୁରକ୍ଷା, ରାସ୍ତା ନିର୍ମାଣ, ଜଳ ଯୋଗାଣ ଓ ବିତରଣ,ଶ୍ରମ,ପାନୀୟ ଓ ଜଳ ଯୋଗାଣ, ପ୍ରାଣୀ ସମ୍ପଦ, ମତ୍ସ୍ୟ,କୃଷି,ଜୀବିକା ମିଶନ,ଉଦ୍ୟାନ,ବନ ବିଭାଗ,ଟେଲିକମ, ଏନ୍ ଏଚ ବାଇପାସ୍,ଅବକାରୀ,ରେଲୱେ ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ବିଭିନ୍ନ ସ୍କିମ୍ ର ସମୀକ୍ଷା, ଏହାର ସଫଳ ରୂପାୟନ ଉପରେ ପ୍ରଶ୍ନ ସହ ଯୋଜନା ପୂର୍ବକ କାର୍ଯ୍ୟ ଦକ୍ଷତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ନିଜ ବିଭାଗର କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରି ତାର ପରିପୂର୍ଣ୍ଣତା ମାନଂକ ହାସଲ ପାଇଁ ପଦକ୍ଷେପ ନେବାକୁ ଓ ଅତିଶୀଘ୍ର ଏହାର ପିପିଟି ଡକ୍ୟୁମେନ୍ଟେସନ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଝରି ଗାଁ ବ୍ଲକ ର ୨୪ ଟି ଗ୍ରାମରେ ବିଭିନ୍ନ ବିଭାଗ ର ପରିପୂର୍ଣ୍ଣତା ମାନଙ୍କ ହାସଲ ପାଇଁ ବିଭାଗୀୟ ଅଧିକାରୀଙ୍କୁ ସାଂସଦ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷା ବିଭାଗର ଶ୍ରେଣୀ ଅଭାବ,ଶୌଚାଳୟ,ବିଦ୍ୟୁତିକରଣ,ଜଳ ବ୍ୟବସ୍ଥା ଉପରେ ପ୍ରଶ୍ନ ସହ ଅତି ଦୁର୍ଗମ ଅଞ୍ଚଳରେ ବିଦ୍ୟାଳୟ ସହ ଶିକ୍ଷକଙ୍କ ପାଇଁ ଆବାସିକ ବ୍ୟବସ୍ଥା ଉପରେ କହିଥିଲେ । ଜିଲ୍ଲାରେ ମତ୍ସ୍ୟ ଚାଷ ଉପରେ ବିଶେଷ ଗୁରୁତ୍ୱ ଦେଇ ୧୦ ଜଣ ମତ୍ସ୍ୟ ଚାଷ ପାଇଁ ଆଗ୍ରହୀଙ୍କୁ ଚିହ୍ନଟ ପୂର୍ବକ ଉତ୍ତରପ୍ରଦେଶ ର ବାର ବାଙ୍କୀ ସ୍ଥାନ କୁ ତାଲିମ ପାଇଁ ପ୍ରେରଣ କରିବାକୁ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ କହିଥିଲେ ।କୃଷି ,ଉଦ୍ୟାନ,ଉଠା ଜଳସେଚନ,କ୍ଷୁଦ୍ର ଜଳସେଚନ, ରାଜସ୍ୱ ଇତ୍ୟାଦି ବିଭାଗ ମିଳିତ ଭାବରେ ପ୍ରକୃତ ଚାଷୀ ଓ ସାର ଯୋଗାଣ ଉପରେ ଏକ ରୋଡ ମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ସେଭଳି ଶ୍ରମ ବିଭାଗ ଦାଦନ ଶ୍ରମିକ ରୋକିବାକୁ,ଶ୍ରମ ଆଇନ ଅନୁସାରେ ତଦନ୍ତ କରି ହିତାଧିକାରୀଙ୍କୁ ସହାୟତା,ଦଲାଲ ରାଜ ବନ୍ଦ କରିବା ଉପରେ ବିଶେଷ ଦୃଷ୍ଟି ଦେବାକୁ କହିଥିଲେ । ୧୦୦ ପ୍ରତିଶତ ଗ୍ରାମ କୁ ନେଟ ର ସୁବିଧା ପାଇଁ ପଦକ୍ଷେପ ନେବାକୁ ଟେଲିକମ ଅଧିକାରୀ ଙ୍କୁ କହିଥିଲେ । ନବରଙ୍ଗପୁର ସହର ଦେଇ ଯାଇଥିବା ଜାତୀୟ ରାଜପଥ ବାଇପାସ୍ ରାସ୍ତା ନିର୍ମାଣ ରେ ଅଣ୍ଡର ପାସ୍ ବ୍ୟବସ୍ଥା ଉପରେ କହିଥିଲେ । ବିନା ଲାଇସେନ୍ସ ଓ ବେଆଇନ୍ ମଦ ବେପାର କୁ ରୋକ୍ ଲଗାଇବା,ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଓ କେତେ ସଂଖ୍ୟକ କୁଚିଆ। ମଦ ବେପାର କୁ ବନ୍ଦ କଲେ ତା ଉପରେ ରିପୋର୍ଟ ଦେବାକୁ ଅବକାରୀ ଅଧିକାରୀଙ୍କୁ କହିଥିଲେ ।ପ୍ରତି ପଞ୍ଚାୟତ ରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ କହିଥିଲେ । ସି ଡି ଏମ ଓ ଙ୍କୁ ସ୍ୱାସ୍ଥ୍ୟ ବିଭାଗ ର ଭିତ୍ତିଭୂମି, ସ୍ୱାସ୍ଥ୍ୟ ସେବା ଉପରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ।ଏଥି ସହିତ କୃଷି, ପ୍ରାଣୀ,ଉଦ୍ୟାନ,ମତ୍ସ୍ୟ ବିଭାଗୀୟ ଅଧିକାରୀ ଙ୍କୁ ଭାରତୀୟ କୃଷି ଗବେଷଣା ପରିଷଦ ନିର୍ଦ୍ଦେଶକ ଙ୍କ ସହ ଅନଲାଇନ ରେ ବିଭିନ୍ନ ପରାମର୍ଶ ଓ ମତ ଅନୁସାରେ କାର୍ଯ୍ୟ ନିର୍ବାହ କରିବାକୁ ସାଂସଦ ଶ୍ରୀ ମାଝୀ ବ୍ୟବସ୍ଥା କରିଥିଲେ ।




# ଭକ୍ତ ବଳରାମ ଦାସ ଗାଧି ଓ ସମାଧି ପୀଠ ବିକାଶ ପାଇଁ ୨୨ କୋଟି ଟଙ୍କା ମଞ୍ଜୁର

ଗୋପ,୫।୧୦:(ମନ୍ଥନ)ପବିତ୍ର ବିଜୟା ଦଶମୀ ଅବସରରେ ଓଡ଼ିଶା ସରକାରର ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ୍ୟଯୁଗୀୟ ଭକ୍ତ କବି ବଳରାମ ଦାସଙ୍କ ସମାଧି ପୀଠ (ବଳରାମ ଗାଦି, ବେଗୁନିଆ, ଗୋପ)ର ବିକାଶ ପାଇଁ ୨୨ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ଏହି ପଦକ୍ଷେପ ସ୍ଥାନୀୟ ନେତା ପ୍ରଶାନ୍ତ ସ୍ୱାଇଁଙ୍କ ଅକ୍ଲାନ୍ତ ପ୍ରୟାସ ଏବଂ ପର୍ଯ୍ୟଟନ ମନ୍ତ୍ରୀ ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ସମ୍ମତି କ୍ରମେ ସମ୍ଭବ ହୋଇପାରିଛି । ଭକ୍ତ ବଳରାମ ଦାସ, ଯିଏ ଓଡ଼ିଆ ସାହିତ୍ୟର ଅମର କୃତି 'ଲକ୍ଷ୍ମୀ ପୁରାଣ' ଏବଂ 'ଦାଣ୍ଡି ରାମାୟଣ' ରଚନା କରି ଭକ୍ତି ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ, ତାଙ୍କର ସମାଧି ପୀଠ ପୁରୀ ଜିଲ୍ଲାର ଗୋପ ଅଞ୍ଚଳରେ ଅବସ୍ଥିତ । ଏହି ପୀଠକୁ ଏକ ପର୍ଯ୍ୟଟନ ତ୍ରିକୋଣ ଭାବେ ବିକଶିତ କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା । ଏହି ଅନୁଦାନ ଦ୍ୱାରା ପୀଠର ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ, ପ୍ରଖ୍ୟାଳୟ ନିର୍ମାଣ ଏବଂ ଆଖପାଖ ଅଞ୍ଚଳର ପର୍ଯ୍ୟଟନ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି । ଏହା ଗୋପ ଅଞ୍ଚଳର ସାଂସ୍କୃତିକ ଓ ଅର୍ଥନୈତିକ ଉନ୍ନତିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ଘୋଷଣାରେ ସ୍ଥାନୀୟ ବାସିନ୍ଦାମାନେ ଉଲ୍ଲସିତ ହୋଇଉଠିଛନ୍ତିୟ। ଭକ୍ତ ବଳରାମ ଦାସ ସମାଧି ପୀଠ ପରିଚାଳନା କମିଟିର ସଦସ୍ୟ, ବିଜେପି ଦଳର ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ତଥା ସଂସଦ ପ୍ରତିନିଧି ସୁଶାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୋବିନ୍ଦ ପାଢ଼ୀ ଏବଂ ଗୋପ ବାସୀଙ୍କ ତରଫରୁ ମୋହନ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ସୁଶାନ୍ତ ସ୍ୱାଇଁ କହିଛନ୍ତି, ଏହି ଅନୁଦାନ ଭକ୍ତ କବିଙ୍କ ସ୍ମୃତିକୁ ସଂରକ୍ଷଣ କରିବା ସହ ଅଞ୍ଚଳର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ମାନ୍ୟବର ଉପମୁଖ୍ୟମନ୍ତ୍ରୀଙ୍କ ସହଯୋଗ ପାଇଁ ଆମେ କୃତଜ୍ଞ୍ୟ ଗୋବିନ୍ଦ ପାଢ଼ୀ କହିଛନ୍ତି, ପ୍ରଶାନ୍ତ ସ୍ୱାଇଁଙ୍କ ଅକ୍ଲାନ୍ତ ପ୍ରୟାସ ଏବଂ ସରକାରଙ୍କ ସମ୍ମତି ଦ୍ୱାରା ଏହି ଐତିହାସିକ ପଦକ୍ଷେପ ସମ୍ଭବ ହୋଇଛି । ଏହା ଗୋପର ପର୍ଯ୍ୟଟନ କ୍ଷେତ୍ରରେ ନୂତନ ଅଧ୍ୟାୟ ଆରମ୍ଭ କରିବ । ଏହି ଅନୁଦାନ ସହ ପୀଠର ଆଖପାଖରେ ପାର୍କ, ପୋଖରୀ, ସନ୍ତରଣ ପ୍ରଶିକ୍ଷଣ କେନ୍ଦ୍ର ଏବଂ ପ୍ରଖ୍ୟାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ଏହା ଓଡ଼ିଆ। ସଂସ୍କୃତି ଓ ଭକ୍ତିର ପ୍ରତୀକକୁ ଆହୁରି ସମୃଦ୍ଧ କରିବ ।

## ବିଜୟ କୁମାର ଦାସଙ୍କ ବିୟୋଗରେ ଏସ୍ ଉଇ କ୍ୟାନ୍ ପକ୍ଷରୁ ଶୋକ

ମାହାଙ୍ଗା, ୫।୧୦:(ମନ୍ଥନ)ମାହାଙ୍ଗା ବ୍ଲକ ଅର୍ନ୍ତଗତ ଭଦ୍ରେଶ୍ୱର ପଂଚାୟତ ଅଧିନସ୍ଥ ଝାଡେଶ୍ୱରପୁର ଗ୍ରାମର ସ୍ୱର୍ଗତ ନବକିଶୋର ଦାସଙ୍କ ପୁତ୍ର ବିଜୟ କୁମାର ଦାସ (୬୧)ଙ୍କର ଗତ ୨୮ତାରିଖ ରବିବାର ବିଳମ୍ବିତ ରାତ୍ରରେ ହୃଦ୍‌ଘାତରେ ମୃତ୍ୟୁବରଣ ଘଟିଛି। ତାଙ୍କ ଦେହାନ୍ତରେ ଗୋପାଳପୁର ଠାରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଏସ୍ ଉଇ କ୍ୟାନର ଅଧ୍ୟକ୍ଷ ସତ୍ୟଜିତ୍ ବିଶ୍ୱାଳ, ପ୍ରଦିପ୍ତନାଥ ଶର୍ମା, ସେକ୍ ମେହିଉଦ୍ଦିନ୍, ଜ୍ଞାନେନ୍ଦ୍ର ବିଶ୍ୱାଳ, ଉମାକାନ୍ତ ସାମଲ, ବିଚିତ୍ରାନନ୍ଦ ବିଶ୍ୱାଳ, ବିକ୍ରମ ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ଜଗବନ୍ଧୁ ଗୋଛାୟତ, ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଶ୍ୱଭୂଷଣ ପ୍ରଧାନ, ଅବୁଲ ହାସନ, ମାନସ ନାଥଶର୍ମା,ହିମାଂଶୁ ରାଉତ, ସୁବାଷ ଚନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ରାଉଳ, ସୌମେନ୍ଦ୍ର ସାହୁ, ଲକ୍ଷ୍ମଣ ଦାସ ପ୍ରମୁଖ ଗଭୀର ଶୋକ ବ୍ୟକ୍ତି କରିବା ସହିତ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ବିଜୟ କୁମାର ଦାସଙ୍କ ଅକାଳ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

## ଭଦ୍ରେଶ୍ୱର ଥାନା ପରିସରରେ ଜଗତ୍‌ଜନନୀ ମାଆ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ

ମାହାଙ୍ଗା, ୫।୧୦:(ମନ୍ଥନ)ପବିତ୍ର ବିଜୟାଦଶମୀ ଉପଲକ୍ଷେ ଭଦ୍ରେଶ୍ୱର ଥାନାରେ ମା' ଜଗତ୍‌ଜନନୀ ଦୁର୍ଗାଙ୍କ ପୂଜା ପ୍ରତିବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି । ନିଜର ସୁରକ୍ଷା ଓ ଆତ୍ମରକ୍ଷା ପାଇଁ ଦଶହରାରେ ଅସ୍ତ୍ର ପୂଜା ପରମ୍ପରା ରହିଆସିଛି । ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସଂପାଦନ କରାଯାଇଥିଲା । ଏହି ପୂଜାରେ ପୂଜକ ମଦନମୋହନ ମିଶ୍ର ଯୋଗଦେଇ ମା'ଙ୍କର ପୂଜା କରିବା ସହ ହୋମାଦି କର୍ମ କରିଥିଲେ । ଏଥିରେ କର୍ତ୍ତାଭାବେ ଏସ୍ ଆଇ ଅନୀଲ କୁମାର ନାୟକ ଯୋଗଦେଇ ସମସ୍ତ ପୂଜାକାର୍ଯ୍ୟ ସଂପାଦନ କରିଥିଲେ । ଏହି ପୂଜା କାର୍ଯ୍ୟକ୍ରମରେ ଏଏସ୍‌ଆଇ ଶ୍ୟାମସୁନ୍ଦର ସାହୁ, ଏଏସ୍‌ଆଇ ଦୁଃଖୀଶ୍ୟାମ ସାହୁ, କନେଷ୍ଟବଲ ସେକ୍ ସଲିମ୍, ଅକ୍ଷୟ ଦାଶ, ମୋହନ ଚରଣ ନାୟକ, ହୋମ୍ ଗାର୍ଡ କୁଶେଇ ସେଠୀ, ମାନସ କୁମାର ସ୍ୱାଇଁ, ଶଶୀକାନ୍ତ ଜେନା, ଦେବସ୍ମିତା ସାମଲ, ଡ୍ରାଇଭର ଆର. ଜ୍ୟୋତି ମଲିକ, ଚନ୍ଦନ ବେହେରା ଓ ସମସ୍ତ ଗ୍ରାମରକ୍ଷୀବୃନ୍ଦ ଯୋଗଦେଇ ପୁଷ୍ପାଞ୍ଜଳୀ ଦେଇଥିଲେ । ପୂଜକଙ୍କ ଦ୍ୱାରା ଥାନାର ସମସ୍ତ ଚାରିଚକିଆ ଓ ଦୁଇ ଚକିଆଯାନ ପୂଜା କରାଯାଇଥିଲା । ଏହି ଉପଲକ୍ଷେ ଥାନାର ସମସ୍ତ କର୍ମଚାରୀମାନଙ୍କୁ ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ପୂଜା ଉତ୍ସବରେ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ ।

# ଆକ୍ରମଣକାରୀଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଦାବି କଲେ ଚିକିଟି ବିଧାୟକ

ଚିକିଟି/ବ୍ରହ୍ମପୁର,୫।୧୦:(ମନ୍ଥନ) ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକ ସୁରଙ୍ଗିଗଡ଼ର ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଲୋକନାଥ ଦାସଙ୍କ ଉପରେ ବିଜୁ ଜନତା ଦଳର ଗୁଣ୍ଡା ମାନଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଲୋକନାଥ ଜରଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ, ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ପ୍ରକାରେ ଆଜି ପୂର୍ବାହ୍ନରେ ଲୋକନାଥ ତାଙ୍କ ଘର ବାରଣ୍ଡାରେ ବସିଥିବା ସମୟରେ ସେହି ଗ୍ରାମର ଅନୀଲ ଚୌଧୁରୀ, ଲିପୁନ ପାଣିଗ୍ରାହୀଙ୍କ ସମେତ ଅନ୍ୟ କିଛି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସେ ଅଭିଯୋଗ କରିଛନ୍ତି । ତେବେ ଏଥିରେ ସେ ଗୁରୁତର ହୋଇଥିବା ଦେଖି ପରିବାର ବର୍ଗ ତାଙ୍କୁ ପାତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପାଇବା ପରେ ଜରଡ଼ା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନ ସମାନ୍ତରା ମେଡ଼ିକାଲରେ ପହଞ୍ଚି ଲୋକନାଥଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରିବା ସହ ଅଧିକ ଚିକିତ୍ସା ଲାଗି ଡ଼ାରକ୍ତଙ୍କ ପରାମର୍ଶ କ୍ରମେ ଏମକେସିଜି ପଠାଇ ଥିଲେ। ଏନେଇ ବିଧାୟକ ଶ୍ରୀ ଦ୍ୟାନ ସମାନ୍ତରା କହିଛନ୍ତି ଯେ, ଲୋକନାଥଙ୍କ ଉପରେ ହୋଇଥିବା ଘୃଣ୍ୟ ଆକ୍ରମଣ ଘୋର ନିନ୍ଦନୀୟ, ମା' ଦୁର୍ଗାଙ୍କ ବିସର୍ଜନ ସମୟରେ ଯେତେବେଳେ ଲୋକନାଥ ନିଜ ଘର ଦାଣ୍ଡ ବାରଣ୍ଡାରେ ବସିଥିଲେ, ସେତେବେଳେ ବିଜୁ ଜନତା ଦଳର ୪ଜଣ ଗୁଣ୍ଡା ତାଙ୍କ ଘରେ ପଶି ସଂଘ ବଦ୍ଧ ଭାବରେ ଆକ୍ରମଣ କରିଥିଲେ । ଏହା ଏକ ସୁପରିକଳ୍ପିତ ଓ କାୟରତାପୂର୍ଣ୍ଣ ଆକ୍ରମଣ, ଯାହା ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଧିକ୍କାର ଦେଇଛି, ବର୍ତ୍ତମାନ ଲୋକନାଥ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି । ବିଜେପି କର୍ମୀଙ୍କ ଉପରେ ଏପରି ନିର୍ମମ ଆକ୍ରମଣ ସହ୍ୟ କରାଯାଇ ପାରିବ ନାହିଁ ବୋଲି ଶ୍ରୀ ସାମନ୍ତରା କହିବା ସହ ଜିଲ୍ଲାପାଳ ଏବଂ ପୁଲିସ ପ୍ରଶାସନକୁ ତୁରନ୍ତ ହସ୍ତକ୍ଷେପ କରି ଦୋଷୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଗତ ସାଧାରଣ ନିର୍ବାଚନ ପର ଠାରୁ ଚିକିଟି ନିର୍ବାଚନ ମଣ୍ଡଳୀରେ ବେଶ ଶାନ୍ତିରେ ରହିଛି, ହେଲେ କୌଣସି ମତେ ଚିକିଟିର ଗାରିମାକୁ ନଷ୍ଟ କରି ଗୁଣ୍ଡାରାଜ ଓ ଆତଙ୍କ ଖେଳାଇବା ଲାଗି ବିଜୁ ଜନତା ଦଳ ଚେଷ୍ଟା ଚଳାଇଛି । ଶାନ୍ତିର ଚିକିଟି ଅଞ୍ଚଳକୁ ପୁନଃ ଅଶାନ୍ତରେ ପରିଣତ କରିବାକୁ ଉଦ୍ୟମ କରାଯାଉଛି, ଯାହାକୁ କେବେ ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ମାନ୍ୟବର ବିଧାୟକଙ୍କ ଦ୍ୱାରା ଏକ ପ୍ରେସ ବିଜ୍ଞପ୍ତି ଜାରି ହୋଇଛି ।

## ଡିଭାଇନ୍ ସ୍ପୋଟିଂ କ୍ଲବ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା,୫।୧୦:(ମନ୍ଥନ)ଡିଭାଇନ୍ ସ୍ପୋଟିଂ କ୍ଲବ ଗୋତରା ତରଫରୁ ଗୋତରାସ୍ଥିତ ଗାନ୍ଧୀଛକଠାରେ ଜାତୀୟ ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଶଶୀଭୂଷଣ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅଧାପକ ଦାସରଥି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅକ୍ଷୟ କୁମାର ଷଡଙ୍ଗୀ, ସମ୍ମାନୀୟ ଅତିଥି ଭାବେ କବି ପ୍ରଫୁଲ୍ଲ କୁମାର ସିଂହ, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ, ମନୋଜ କୁମାର ମହାପାତ୍ର, ସବିତାରାଣୀ ଶତପଥି ଯୋଗଦେଇ ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ନୀତି ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ । ଉଦ୍‌ଘାଟକ ଭାବେ ସ୍ଥାନୀୟ ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡା ଯୋଗଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ କରୁଣାକର ପ୍ରଧାନ, ଦୀନବନ୍ଧୁ ପ୍ରଧାନ, ଅରକ୍ଷିତ ସାମଲ ଏବଂ କ୍ଲବର ସଦସ୍ୟ ଉମେଶ ଚନ୍ଦ୍ର ଦାସ, ଜଗନ୍ନାଥ ଦାସ, ମନୋଜ କୁମାର ପ୍ରଧାନ, ବିକ୍ରମ ପ୍ରଧାନ, ବୀରବର ଦାସ, ପବିତ୍ର ମୋହନ ଦାସ, ଦିଲ୍ଲୀପ ପ୍ରଧାନ, ନିରଞ୍ଜନ ପ୍ରଧାନ, ଭରତ ପରିଡା, ତ୍ରିଲୋଚନ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ପ୍ରମୋଦ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା କ୍ରିକେଟ ସଙ୍ଘର ଉନ୍ନତି ସହ ଖେଳ ପାଇଁ ଆମେ ପ୍ରତିଶୃତିବଦ୍ଧ - ବିଧାୟକ ପ୍ରତାପ ପ୍ରଧାନ

ଅନୁଗୁଳ,୫।୧୦:(ମନ୍ଥନ)ଅନୁଗୁଳ ଜିଲ୍ଲାର କିଶୋର ଓ ଯୁବ କ୍ରିକେଟ ଖେଳାଳୀ ମାନେ ଚମତ୍କାର ଖେଳୁଛନ୍ତି । ରାଜ୍ୟ କ୍ରିକେଟ ର ବିଭିନ୍ନ ଫର୍ମାଟ ସେମାନେ ଅଂଶଗ୍ରହଣ କରିଜିଲ୍ଲା ପାଇଁ ଗୌରବ ଆଣୁଛନ୍ତ। ଅନୁଗୁଳ କ୍ରିକେଟ ଆସୋସିଏସନ୍ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ରେ ଏକଥା ପ୍ରକାଶ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ସଂଘ ର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନୟ ସେ କହିଲେ ମିଲନ ସାମଲ, ସ୍ରେୟଂଶ ଭରଦ୍ୱାଜ, ମୋକ୍ଷି ପାନାକଲ, ଶଶାଙ୍କ ପାନାକଲ, ଆୟୁଷ ବାରିକ ଙ୍କ ଭଳି ଉଦୀୟମାନ ଖେଳାଳୀ ଙ୍କ ଯୋଗୁଁ ଜିଲ୍ଲା କ୍ରିକେଟ ର ମାନ ବଢ଼ିଛି । କ୍ରିକେଟ ର ଉନ୍ନତି ପାଇଁ କଦମ ପଡିଆ। ରେ ୫.୫୦ କୋଟି ଟଙ୍କା ବ୍ୟୟରେ ଫ୍ଲଡ ଲାଇଟ୍ ଲଗାଯାଉଛି । ଜିନ୍ଦଲ ଆନୁକୁଲ୍ୟରେ ଏକ ପ୍ଲେୟରସ ପାଭିଲିଆନ ନିର୍ମାଣ କରାଯିବ । ଯୁବ ଖେଳାଳିଙ୍କ ଭବିଷ୍ୟତ ପାଇଁ ରାଜ୍ୟ ବାହାରୁ କୋଚ ଅଣାଯାଇ ତାଲିମ ଦିଆଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଉପ ସଭାପତି ପ୍ରଭାତ କୁମାର ସିହ୍ନା, ଅରୁଣ ପୁଷ୍ପାଳକ, ସମ୍ପାଦକ ସାଗର ନାଥ ମିଶ୍ର , ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ ଓ କୋଷାଧକ୍ଷରଞ୍ଜନ କୁମାର ଧିର ସାମନ୍ତ ଓ ଆଇନ ପରାମର୍ଶଦାତା ଭୂପେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ବିଜେଡିରେ ସାମିଲ ହୋଇଛନ୍ତି ଶତାଧିକ ବିଜେପି କର୍ମୀ

ଯାଜପୁର,୫।୧୦:(ମନ୍ଥନ) ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରଥମ ଥର ପାଇଁ ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି ଶତାଧିକ ବିଜେପି କର୍ମୀ। ଯାଜପୁର ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଯାଜପୁର ସହରର ଅମ୍ବିକା ମଣ୍ଡପରେ ବିଜେଡ଼ି ପକ୍ଷରୁ ଆୟୋଜିତ ହୋଇଥିଲା ଏକ ବିରାଟ ମିଶ୍ରଣ ପର୍ବ। ବିଜେଡ଼ି ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନା ମୁତାବକ ଯାଜପୁର ବ୍ଲକ୍ ଅନ୍ତର୍ଗତ ଜାଫରପୁର ପଂଚାୟତର ଶତାଧିକ ବିଜେପି କର୍ମୀ ଓ ଆଗ ଧାଡ଼ିର କାର୍ଯ୍ୟକର୍ତ୍ତା ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଦଳୀୟ ନେତା ଓ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରା ଉପରେ ଅସନ୍ତୁଷ୍ଟ ହୋଇ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ବିଶେଷ କରି ବଡ଼ଜଳହରା ଓ ସଇପୁର-୨ ଗାଁର ଏହି କର୍ମୀମାନେ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱକୁ ପସନ୍ଦ କରି ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡ଼ି ବ୍ଲକ୍ ସଭାପତି ପରେଶ ବିଶ୍ୱାଳ, ପଞ୍ଚାୟତ ସଭାପତି ଅନନ୍ତ କିଶୋର ପାଣିଙ୍କ ସମେତ ବିଜେଡିର ଅନ୍ୟାନ୍ୟ ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ। ସେପଟେ ବିଜେପିର ଦୁର୍ବଳ ନେତୃତ୍ୱ ଓ ସରକାରଙ୍କ ବିଫଳତାକୁ ସହ୍ୟ କରିନପାରି ବିଜେପି ଛାଡି ବିଜେଡିରେ ସାମିଲ ହେଉଥିବା ଦଳୀୟ ନେତା ମାନେ ମତବ୍ୟକ୍ତ କରିଛନ୍ତି। ଏହାଦ୍ୱାରା ବିଜେଡ଼ି ଦଳ ଆଗକୁ ଅଧିକ ସଶକ୍ତ ହେବା ସହ ତୃଣମୂଳ ସ୍ତରରେ ଦଳୀୟ ସଂଗଠନ ଅଧିକ ମଜଭୁତ ହେବ ବୋଲି ପ୍ରଣବ ପ୍ରକାଶ ଦାସ କହିଛନ୍ତି।

## ଗୌଡପଡା ବଜାରରେ ହରଗୌରୀ ପୂଜା ଅନୁଷ୍ଠିତ

ମାହାଙ୍ଗା,୫।୧୦:(ମନ୍ଥନ)କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୌଡପଡା ବଜାରରେ ୫୫ ବର୍ଷ ଧରି ହରଗୌରୀ ପୂଜା ଅନୁଷ୍ଠିତ ହୋଇଆସୁଅଛି । ଚଳିତବର୍ଷ ପବିତ୍ର ସପ୍ତମୀଠାରୁ ରୀତିନିତି ଅନୁସାରେ ହରଗୌରୀଙ୍କର ପୂଜା ଅନୁଷ୍ଠିତ ହୋଇଥିଲା । ପୂଜକ କୃଷ୍ଣଚନ୍ଦ୍ର ପଣ୍ଡା ରୀତିନିତି ଅନୁସାରେ ପୂଜାକାର୍ଯ୍ୟ ସଂପନ୍ନକରିଥିଲା ବେଳେ କର୍ତ୍ତା ଭାବେ ଉଦୟନାଥ ସିଂ ଯୋଗଦେଇଥିଲା ବେଳେ କମିଟିର ସଭାପତି ଅଜୟ କୁମାର ସ୍ୱାଇଁ, ସଂପାଦକ ରଂଜନ କୁମାର ଭୂୟାଁ, କୋଷାଧ୍ୟକ୍ଷ ଦୋଳଗୋବିନ୍ଦ ନାଥ, ଡକ୍ଟର ଭାଗ୍ୟଧର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ ।

# ନବ ନିର୍ବାଚିତ ସଭାପତି ସୁନୀଲ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ,୫।୧୦:(ମନ୍ଥନ)ଆଜି ମଧ୍ୟାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟିର ନବ ନିର୍ବାଚିତ ସଭାପତି ସୁନୀଲ କୁମାର ପ୍ରଧାନଙ୍କୁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଉର୍ଚ୍ଛଗିତ ସମ୍ବର୍ଦ୍ଧନା କରିବାକୁ ଯାଇ ଏକ ଶୋଭାଯାତ୍ରାରେ ତାଙ୍କୁ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ରଠାରୁ ଜଗତର ନାଥ ଜଗନ୍ନାଥ ଓ ମାଆ। ବୁଢୀଠାକୁରାଣୀଙ୍କ ଠାରୁ ପୂଜାର୍ଚ୍ଚନା କରି ଗାନ୍ଧୀ ପାର୍କଠାରେ ମାଲ୍ୟାର୍ପଣ କରିଥିଲେ । ହଜାର ହଜାର କର୍ମୀଙ୍କ ଗହଣରେ ଏକ ବିଶାଳ ଶୋଭାଯାତ୍ରାରେ କାଞ୍ଚନ ଟକିଜ୍, ଶାନ୍ତି ହୋଟେଲ ଛକ ଦେଇ ରାଜାଛକ ପାଖରେ ପହଞ୍ଚି ଅନୁଗୋଳର ଶେଷ ସ୍ୱାଧୀନ ମହାରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବଜାର ଦେଇ କଂଗ୍ରେସ ଭବନଠାରେ ପହଞ୍ଚିଥିଲେ। କଂଗ୍ରେସ ଭବନଠାରେ ବରିଷ୍ଠ କଂଗ୍ରେସ ନେତା ସାଧୁ ଚରଣ ପ୍ରଧାନଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ବର୍ଦ୍ଧନା ସଭାରେ ବହୁ ବରିଷ୍ଠ କଂଗ୍ରେସ ନେତା, ବିଭିନ୍ନ ବ୍ଲକ, ଛାମୁଆ। ସଂଗଠନ ଯଥା ଯୁବ, ମହିଳା, ଛାତ୍ର, ଆଇନସେଲ, ଏସସି ସେଲ, ଏସଟି ସେଲ, ମିଡ଼ିଆ। ସେଲ, ସେବାଦଳ ତରଫରୁ ନବ ନିର୍ବାଚିତ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ସଭାରେ ନିଜର ବକ୍ତବ୍ୟ ରଖି ଶ୍ରୀ ପ୍ରଧାନ କହିଥିଲେ ଯେ, ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ଓ କଂଗ୍ରେସ ଦଳର ସର୍ବମାନ୍ୟ ନେତା ତଥା ଲୋକସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ସ୍ୱତନ୍ତ୍ର ସଂଗଠନ ସୃଜନ ମାଧ୍ୟମରେ ମୋତେ ଚୟନ କରି ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଥିଲେ । ସେଥିପାଇଁ ସେ ସେମାନଙ୍କ ପାଖରେ କୃତଜ୍ଞତା ଜଣାଇବା ସହ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓ ପ୍ରଭାରୀ ଅଜୟ ଲୁଲୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେୟ ଅନୁଗୋଳ ଜିଲ୍ଲାର ସମସ୍ତ କଂଗ୍ରେସ ନେତା ଓ କର୍ମୀମାନଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ବିଶେଷ କରି ଅନୁଗୋଳବାସୀଙ୍କ ସ୍ନେହ ଓ ଶ୍ରଦ୍ଧା ହିଁ ତାଙ୍କୁ ଏଭଳି ଏକ ପଦବୀରେ ଅବସ୍ଥାପିତ କରାଇ ପାରିଛି । ସ୍ୱର୍ଗତ ପିତା ସନ୍ତୋଷ ପ୍ରଧାନଙ୍କ ଆଶୀର୍ବାଦ ରହିଛି ନିଶ୍ଚିତ ସେ ଏ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ ସମସ୍ତ ଅନୁଗୋଳ କଂଗ୍ରେସ କର୍ମୀ ଭାଇମାନଙ୍କ ଦ୍ୱାରା ବୋଲି ପ୍ରକାଶ କରିଥିଲେ। ଆଜି ଠାରୁ ମୁଁର ଯୁଗ ଶେଷ ହେଲା, ଆଜିଠୁ ଆରମ୍ଭ ହେଲା ସବୁ କ୍ଷେତ୍ରରେ ଆମେୟ ଅନୁଗୋଳ ଜିଲ୍ଲାର ବହୁ ସମସ୍ୟା ରହିଛି, ସେ ସବୁକୁ ସମାଧାନ କରିବା ପାଇଁ ଅନୁଗୋଳ ଜିଲ୍ଲା କଂଗ୍ରେସ ଯଥାସାଧ୍ୟ ଉଦ୍ୟମ ଜାରି ରଖିବ ଓ ଅନୁଗୋଳ ଜିଲ୍ଲାର ଜାଗ୍ରତ ପ୍ରହରୀ ଭାବେ ଏଣିକି କାର୍ଯ୍ୟ କରିବ ବୋଲି ସଭାରେ ଦୃଢୋକ୍ତି ପ୍ରକାଶ କରିଥିଲେ । ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରଦେଶ କଂଗ୍ରେସ କମିଟିର ଅନ୍ୟତମ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ ଅନୁଗୋଳ ଜିଲ୍ଲା କଂଗ୍ରେସ ଯେଉଁ ଯୁବ ପ୍ରତିଭାକୁ ଦଳର ମୁଖିଆ। ଭାବେ ପାଇଛି, ଏହା ନିଶ୍ଚିତ ଭାବରେ ଆଗାମୀ ଦିନରେ କଂଗ୍ରେସ ଏକ ଦୃଢ ସଂଗଠନ ଓ ନୂତନ ସଂକଳ୍ପନନେଇ କାର୍ଯ୍ୟ କରିବୟ ଅନୁଗୋଳ ଜିଲ୍ଲାରେ କଂଗ୍ରେସ ପୁଣି କ୍ଷମତାକୁ ଫେରିବୟ ଆଜିର ଏହି ଉତ୍ସବରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ରୂପାଦୀପ୍ତା ମହାପାତ୍ର, ପୂର୍ବତନ ତାଳଚେର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ଦାସ, ହିମାଂଶୁ ଚଉଳିଆ, ପ୍ରଦେଶ ଏସଟି ସେଲ ସାଧାରଣ ସମ୍ପାଦକ ତପନ ପ୍ରଧାନ, ପ୍ରଦେଶ କଂଗ୍ରେସ କୃଷକସେଲର ଉପାଧକ୍ଷ ଉମେଶ ଚନ୍ଦ୍ର ସାହୁ, ମାଣିକପ୍ରଭା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜିର ଏହି ସମ୍ବର୍ଦ୍ଧନା ସଭାରେ ବିଜିଗୋଳ ପଞ୍ଚାୟତର ଜ୍ୟୋତି ରଞ୍ଜନ ପ୍ରଧାନ, ତିରିବିଡା ପଞ୍ଚାୟତର ସୁରେନ୍ଦ୍ର ବେହେରା, ଓ କଣିହାଁ ପଞ୍ଚାୟତର ବିଳାସିନି ନିଆଳ ଓ ରାଜେନ୍ଦ୍ର ନିଆଳ ଆଜି ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ସାମିଲ ହେଲେ । ଜିଲ୍ଲା ସଭାପତି ତାଙ୍କୁ ଫୁଲତୋଡା ଓ ଦଳୀୟ ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ କମିଟିର ବରିଷ୍ଠ ନେତା ବିମଳ କୁମାର ପ୍ରଧାନ, ଦିଗମ୍ବର ଗଡନାୟକ, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ଟିକନ ବେହେରା, ଚିତ୍ତରଞ୍ଜନ ପ୍ରଧାନ, ସୁବ୍ରତ ଗଡନାୟକ ଗୋବିନ୍ଦ ନାଏକ, ସନ୍ତୋଷ ପଟ୍ଟନାୟକ, ବଳବୀର ସିଂ, ବିନୋଦ ମାଝୀ, ଅମୂଲ୍ୟ ବେହେରା, ସୁଶାନ୍ତ ସାମଲ, କେଶବ ଭୂତିଆ, ସହଦେବ ବେହେରା, ସୁଦୀପ ମିଶ୍ର, ଧର୍ମେନ୍ଦ୍ର ନାଥ ମିଶ୍ର, ସଞ୍ଜୀବ କୁମାର ମାଣ୍ଡୋଠିଆ, ପ୍ରଦ୍ୟୁମ୍ନ ସାହୁ, ଲୁଲୁ ପାଣିଗ୍ରାହୀ, ନୀଳକଣ୍ଠ ନାଏକ, ଦାଶରଥି ସାହୁ, ଦୁଷ୍ମନ୍ତ ଦଳବେହେରା, କସିଦା ଖାନ, ସ୍ୱାଗତିକା ସାହୁ, ବାସୁଦେବ ସାମଲ, ରାକେଶ ମିଶ୍ର, ହେମନ୍ତ ମହାଳିକ, ଅଗସ୍ତି ବେହେରା, ସୁବାସ ସାହୁ, ରଶ୍ମି ରଞ୍ଜନ ସାହୁ, ଗୋପାଳ ପ୍ରଧାନ ପ୍ରମୁଖ କଂଗ୍ରେସ ନେତା ଯୋଗ ଦେଇଥିଲେ ।

# ତାଳପୋଥି ସଂରକ୍ଷଣ ଏକ ରାଷ୍ଟ୍ରୀୟ କର୍ତ୍ତବ୍ୟ

୫।୧୦:(ମନ୍ଥନ)ସରସ୍ୱତୀ ପାଣ୍ଡୁଲିପି ସଂରକ୍ଷଣ କେନ୍ଦ୍ର ଓ ଭାରତସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଆନୁକୂଲ୍ୟରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ସହଯୋଗରେ ସରସ୍ୱତୀ ବିହାର ଠାରେ ଏକ ପୋଥି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଯାଜପୁର ଜିଲ୍ଲାର ଦ୍ୱିଶତାଧିକ ପୋଥି ସଂରକ୍ଷକମାନେ ଯୋଗଦେଇ ତାଳପତ୍ର ପୋଥି ଓ ପାଣ୍ଡୁଲିପିର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସରସ୍ୱତୀ ବିହାର ଅଧକ୍ଷ ଡ଼. ସଦାନନ୍ଦ ଦୀକ୍ଷିତ ସ୍ୱାଗତ ଭାଷଣ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତର ଜ୍ଞାନଭଣ୍ଡାର ପୋଥି ଓ ପାଣ୍ଡୁଲିପିର ସଂରକ୍ଷଣ ପାଇଁ ଜ୍ଞାନଭାରତ ମିଶନ୍ ଗତ ୧୨ ତାରିଖରେ ପ୍ରାରମ୍ଭ କରିଥିବା ବିଷୟ ଉଲ୍ଲେଖ କରିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଯଶସ୍ୱୀ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇ ଭାରତର ବିଶାଳ ଜ୍ଞାନ ପରଂପରା ଉପରେ ଆଲୋକପାତ କରିଥିଲେ ଏବଂ ବିଶେଷତଃ ବ୍ରହ୍ମଣମାନେ ଏହି ପୋଥି ମାଧ୍ୟମରେ ହଜାର ହଜାର ବର୍ଷ ଧରି ଜ୍ଞାନବିଜ୍ଞାନକୁ ସୁରକ୍ଷିତ ରଖିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ପୁରାତତ୍ତ୍ୱବିତ୍ ପ୍ରଫେସର ଭାଗବତ ତ୍ରିପାଠୀ ଅନେକ ଦୁର୍ଲଭ ପୋଥିର ପାଠୋଦ୍ଧାର କରାଯାଇ ବିସ୍ମୟକର ବୈଜ୍ଞାନିକ ତଥ୍ୟ ଲୋକଲୋଚନକୁ ଅଣାଯାଇଥିବାର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ଯାଜପୁରର ପଣ୍ଡିତ ବିଜୟ କୁମାର କର ଓ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର , କେନ୍ଦୁଝରରୁ ପଣ୍ଡିତ ମଧୁସୂଦନ ମିଶ୍ର ଓ ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ବାଲେଶ୍ୱରରୁ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, କେନ୍ଦ୍ରପଡ଼ାରୁ ଶ୍ରୀ ଭକ୍ତ ବନ୍ଧୁ ମିଶ୍ର ଓ ପଣ୍ଡିତ ମହେଶ୍ୱର ନନ୍ଦ, ଭଦ୍ରକରୁ ଶ୍ରୀ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଓ ବିଭୂତି ନାରାୟଣ ସେନାପତି ପ୍ରମୁଖ ତାଳପତ୍ର ପୋଥିର ସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜଳସଂସାଧନ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଇଂ ସୁବ୍ରତ ଦାଶ ଇତିହାସର କଳଙ୍କିତ ଅଧ୍ୟାୟ ସ୍ମରଣ କରି ଆମ ଜ୍ଞାନ ପରଂପରାକୁ ନୀତିନିଷ୍ଠ ଭାବରେ ସୁରକ୍ଷିତ ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ଓଡ଼ିଶା ବ୍ରାହ୍ମଣ ମହାସଂଘର ଭଦ୍ରକ ସଭାପତି ଶ୍ରୀ ମନ୍ଦରଧର ଦୀକ୍ଷିତ ସଭାପତିତ୍ୱ ଅଭିଭାଷଣରେ ତାଳପତ୍ର ପୋଥିକୁ ସଂରକ୍ଷିତ କରିବା ଦିଗରେ ଅବହେଳା ନକରିବା ଏବଂ ସୁରକ୍ଷିତ ନହେଲେ ସରସ୍ୱତୀ ବିହାର ପୋଥି ସଂରକ୍ଷଣ କେନ୍ଦ୍ରକୁ ଦାନ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଭଦ୍ରକ ମାଟିର ଗୌରବ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ଦିବ୍ୟ ଉପଢ଼ୌକନ ତଥା ବିଶିଷ୍ଟ ଅବଦାନ ପାଇଁ ଡ଼.ନିତ୍ୟାନନ୍ଦ ମିଶ୍ରଙ୍କୁ ମାନ ଫଳକ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା ଓଡ଼ିଶାର ସୁନାମଧନ୍ୟ ଶଲ୍ୟ ଚିକିତ୍ସା ବିଶାରଦ ତଥା ପୋଥି ସଂରକ୍ଷକ ଡ଼ାକ୍ତର ବିଷ୍ଣୁ ଚରଣ ମିଶ୍ରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପଣ୍ଡିତ ସୁରେନ୍ଦ୍ର ନାଥ ପଣ୍ଡା ଆଠ ଖଣ୍ଡ ଦୁର୍ଲଭ ପୋଥି ସରସ୍ୱତୀ କେନ୍ଦ୍ରକୁ ପ୍ରଦାନ କରିଥିଲେ । ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ତ୍ରୈମାସିକ ପତ୍ରିକା "ବ୍ରହ୍ମ ସନ୍ଦେଶ" ଲୋକାର୍ପିତ ହୋଇଥିଲା । ସଂପାଦକ ଡ଼. ବସନ୍ତ କୁମାର ଦୀକ୍ଷିତ ସ୍ୱାଗତ କରିଥିଲେ ଏବଂ ମଦନ ମୋହନ ପାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ଲଦାଖରେ ସବୁ କିଛି ଭଲ ନାହିଁ

କେନ୍ଦ୍ରଶାସିତ ଅଂଚଳ 'ଲଦାଖ'କୁ ରାଜ୍ୟପାହ୍ୟା ପ୍ରଦାନ ଦାବିରେ ଆନ୍ଦୋଳନ, ବିକ୍ଷୋଭ ବେଳେ ହିଂସାକାଣ୍ଡ ଏବଂ ପୋଲିସ ଗୁଳିରେ ୪ଜଣ ଯୁବକଙ୍କ ମୃତ୍ୟୁ ଘଟିବା ସହ ୮୦ରୁ ଉର୍ଦ୍ଧ୍ୱ ଆହତ ହେବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ । ଏହା ନିସନ୍ଦେହ ଯେ, ଲଦାଖବାସୀଙ୍କ ମଧ୍ୟରେ ଅଶାନ୍ତି, ଉତେଜନା, ଆନ୍ଦୋଳନର ସଂକେତ ମିଳିଥିବାବେଳେ କେନ୍ଦ୍ରଶାସିତ ଅଂଚଳର ନେତୃତ୍ୱ ଏହାର ଗଭୀରତାକୁ ଆକଳନ କରିବାରେ ବିଫଳ ହୋଇଛନ୍ତି । ଯାହାର ପରିଣତି ସ୍ୱରୁପ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ବୋଲି କୁହାଯାଇପାରିବ । ଏପରିକି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ ଜାମ୍ମୁ-କାଶ୍ମୀର ରାଜ୍ୟମାନ୍ୟାତା ରଦ୍ଧ ଏବଂ ବିଭାଜନ ପରେ ସ୍ୱତନ୍ତ୍ର 'ଲଦାଖ' କେନ୍ଦ୍ରଶାସିତ ଅଂଚଳ ଗଠନ ହେବା ପରଠାରୁ ବୁଧବାର ହିଂସାକାଣ୍ଡ ପଛରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ପରବେଶବିତ୍ ତଥା ସାମାଜିକ କର୍ମୀ ସ୍ଥାନୀୟ ନେତା ଭାବରେ ପରିଚିତ ସୋନମ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ରାଜ୍ୟପାହ୍ୟା ଓ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ଅର୍ନ୍ତଭୁକ୍ତ (ଯେଉଁ ଧାରାରେ ଆଦିବାସୀ ଅଂଚଳରେ ସ୍ୱତନ୍ତ୍ର ସ୍ୱାୟତ ଶାସନ କ୍ଷମତା ପ୍ରଦାନ କରାଯାଏ), ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଏବଂ ବୃହତର ରାଜନୈତିକ ପ୍ରତିନିଧିତ୍ୱ ପ୍ରଦାନ ଆଦି ଦାବିରେ ପ୍ରତିବାଦ, ସଭା, ଶୋଭାଯାତ୍ରା ଏବଂ ଲେହରୁ ଦିଲ୍ଲୀକୁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ବୁଧବାର ଆନ୍ଦୋଳନରେ ନେତୃତ୍ୱ ନେଇଥିବା ସଂଗଠନ ଓ ନେତାମାନେ କହିଛନ୍ତି ଯେ, ସେମାନଙ୍କ ନିୟନ୍ତ୍ରଣ ମଧ୍ୟରେ ନଥିବା କେତେକ ବାହାର ଶକ୍ତି ହିଂସାକାଣ୍ଡ ଓ ପୋଡାଜଳା ଘଟାଇଛନ୍ତି । ଏପରିକି ଆନ୍ଦୋଳନକାରୀ ଯୁବକମାନଙ୍କୁ ଶାନ୍ତ ରହିବାକୁ ଆନ୍ଦୋଳନକାରୀ ନେତା ଓ କେନ୍ଦ୍ରସରକାର ଅନୁରୋଧ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଲଦାଖ ଆନ୍ଦୋଳନ ଦୁଇଟି ସ୍ଥାନୀୟ ସଂଗଠନ ବୁଦ୍ଧିଷ୍ଟ ସଂପ୍ରଦାୟ ଦ୍ୱାରା ଗଠିତ ଲେହ ଆପେକ୍ସ ବଡି (ଏଲଏବି) ଏବଂ ମୁସଲିମ ବହୁଳ କାରଗିଲ ଡେମୋକ୍ରାଟିକ ଆଲିଆନସ୍ (କେଡିଏ) ପକ୍ଷରୁ ମିଳିତ ଭାବେ କରାଯାଇଥିଲା । ବିଭିନ୍ନ ପ୍ରସଙ୍ଗ ନେଇ ଉଭୟ ସଂଗଠନ ମଧ୍ୟରେ ମତଭେଦ ଥିବା ସତ୍ତ୍ୱେ ୪ଟି ଏଜେଣ୍ଡା ତଥା ସମ୍ବିଧାନିକ ସୁରକ୍ଷା ଏବଂ ବୃହତର ରାଜନୈତିକ ସ୍ୱତନ୍ତ୍ରତା ନେଇ ଏକତ୍ର ହୋଇଥିଲେ । କିନ୍ତୁ ଏଲଏବିର ସବୁ ଶାଖା ଲେହରେ ବନ୍ଦ ପାଳନ ବେଳେ ହିଂସାମୁଖୀ ହୋଇ ଲଦାଖ ସ୍ୱୟଂଶାସିତ ପାର୍ବତ୍ୟାଂଚଳ ଉନ୍ନୟନ ପରିଷଦ (ଏଲଏଏଚଡିସି) ମୁଖ୍ୟାଳୟରେ ଭଙ୍ଗାରୁଜା ଓ ସ୍ଥାନୀୟ ବିଜେପି ଅଫିସରେ ପୋଡାଜଳା କରିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଗୁଳି ଚାଳନା କରିବାକୁ ପଡିଥିଲା ବୋଲି କୁହାଯାଏ । ଏହା ନିସନ୍ଦେହ ଯେ, ପାକିସ୍ଥାନ ଓ ଚୀନ ସହ ଦୀର୍ଘ ସୀମାନ୍ତ ସଂଲଗ୍ନ ଲଦାଖରେ ଅଶାନ୍ତ, ଅନିୟନ୍ତ୍ରିତ ଆଚରଣ ଦେଶର ଜାତୀୟ ନିରାପତା ପାଇଁ ଶୁଭ ସଂକେତ ନୁହେଁ । ଉଲ୍ଲେଖ କରାଯାଇପାରେ ଯେ, ବିଭିନ୍ନ ଦାବି ନେଇ ଗଲା ମେ ମାସରେ କେନ୍ଦ୍ର ସରକାର ଏବଂ ଦୁଇ ସଂଗଠନ ଏକ ବୁଝାମଣାରେ ଉପନୀତ ହୋଇଥିଲେ ଏବଂ ଯାହାର କାର୍ଯ୍ୟକାରିତା ପାଇଁ ଜୁନରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଘୋଷିତ ବିଜ୍ଞପ୍ତି ଅନୁଯାୟୀ ସ୍ଥାନୀୟ ଅନୁସୂଚିତ ଜାତି, ଜନଜାତି ଏବଂ ଆର୍ଥିକ ଅନଗ୍ରସର ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ୯୫ପ୍ରତିଶତ ସଂରକ୍ଷଣ, ପାର୍ବତ୍ୟାଂଚଳ ଉନ୍ନୟନ ପରିଷଦରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ, ୧୫ବର୍ଷ ଧରି ବସବାସ କରୁଥିବା ପରିବାରକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଆଂଚଳିକ ତଥା ସ୍ଥାନୀୟ ଭାଷ ଭୋଟି, ପୁରଷି, ବଲତି ଏବଂ ସିନାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଯାହାକି ସେମାନଙ୍କ ପ୍ରମୁଖ ଦାବି ଥିଲା । କିନ୍ତୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଦୀର୍ଘ ଦିନ ଧରି ଆମରଣ ଅନଶନରେ ବସିଥିବା ୱାଙ୍ଗଚୁକ ଏବଂ ଅନ୍ୟ ଦୁଇଜଣ ବରିଷ୍ଠ ନେତା ଅସୁସ୍ଥ ହୋଇ ହସ୍‌ପିଟାଲରେ ଭର୍ତି ହେବା ପରେ ହଠାତ୍ ଯୁବ ଶାଖା ଉତ୍ୟକ୍ତ ହୋଇ ହିଂସାକ ଆଚରଣ କରିଥିଲା । ୱାଙ୍ଗଚୁକ୍ ସେମାନଙ୍କୁ ଉସକାଇ ଥିବା କେନ୍ଦ୍ର ସରକାର ଅଭିଯୋଗ କରିଥିଲେ । ଆର୍ଥୀକ ଅନିୟମିତତା ଏବଂ ହିଂସାକାଣ୍ଡ ପାଇଁ ଉସକାଇଥିବା ଅଭିଯୋଗର ଗତକାଲି ୱାଙ୍ଗଚୁକକୁ ଗିରଫ କରାଯାଇଛି । ଯାହାକି ଆଦୌ ଶୁଭଙ୍କର ନୁହେଁ ଏବଂ ଉତେଜନା ବୃଦ୍ଧି କରିବା ଆଶଙ୍କାକୁ ଏଡାଇ ଦେଇ ହେଉ ନାହିଁ । ସେହିପରି ହିଂସାକାଣ୍ଡ ପଛରେ ବିଦେଶୀ ଶକ୍ତିଙ୍କ ହାତଥିବା କେନ୍ଦ୍ର ସରକାର ଅଭିଯୋଗ କରିଛନ୍ତି । ଲଦାଖ ସୀମା ସହ ଦେଶର ଦୁଇ ପଡୋଶୀ ତଥା ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପାକିସ୍ଥାନ ଓ ଚୀନ ରହି ସୀମାନ୍ତ ଅଂଚଳରେ ସବୁ କିଛି ଭଲନାହିଁ ବୋଲି କୁହାଯାଇପାରେ । କେନ୍ଦ୍ର ସରକାର କୌଣସି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଜରିଆରେ ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି । ଅନ୍ୟଥା କାଶ୍ମୀର ପରି ପରିସ୍ଥିତି ଉପୁଜିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ ।

## ମୋଦିଜୀଙ୍କ ଓଡ଼ିଶାକୁ ପୂଜାଭେଟି

**ହୃଶିକେଷ ପୁହାଣ**

ନବରାତ୍ର ଆରମ୍ଭ ହୋଇସାରିଲାଣି । ମା'ଦେବୀ ଦୁର୍ଗାଙ୍କ ଆବାହନୀର ପବିତ୍ର ମନ୍ତ୍ର ଚର୍ତୁଦିଗକୁ ମୁଖରିତ ଓ ପବିତ୍ରମୟ କରୁଥିବା ସମୟରେ ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଓଡ଼ିଶାବାସୀଙ୍କୁ ପୂଜା ଭେଟି ନିମନ୍ତେ ଅନେକ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ନକ୍ସା ରଖିବାକୁ ଯାଉଛନ୍ତି । ପୂର୍ବଭାରତର ମୁଖଶାଳା ଭାବେ ଓଡ଼ିଶାକୁ କେନ୍ଦ୍ରିତ କରି ମୋଦିଜୀ ଭାରତର ବିକାଶରେ ଯେଉଁ ସ୍ୱତନ୍ତତା ଆରମ୍ଭ କରିଛନ୍ତି ତାହା ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ନିଶ୍ଚୟ । ମୋଦିଜୀଙ୍କ ନେତୃତ୍ୱର କେନ୍ଦ୍ରର ଦୃଢ଼ ସରକାର ଓଡ଼ିଶାକୁ ବିକାଶ ନିମିତ୍ତ ପର୍ଯ୍ୟାପ୍ତ ପରିମାଣର କେନ୍ଦ୍ରୀୟ ପାଣ୍ଠି ପ୍ରଦାନ କରୁଛନ୍ତି । ଝାରସୁଗୁଡ଼ା ସ୍ଥିତ ଯୁବ ସମାବେଶରେ ମୋଦିଜୀ ୬୦ ହଜାର କୋଟି ଟଙ୍କା ପ୍ରକଳ୍ପର ଲୋକାର୍ପଣ ସହ ଶିଳାନ୍ୟାସ କରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟସେବା ଠାରୁ ଉଚ୍ଚଶିକ୍ଷା, ଗ୍ରାମ୍ୟ ଗୃହ ନିର୍ମାଣ ଠାରୁ ରେଳବାଇ, ଦୂରସଞ୍ଚାର ଠାରୁ ଦକ୍ଷତା ବିକାଶ ଏପରି ଅନେକ ପ୍ରକଳ୍ପର ଦେଶବାସୀଙ୍କୁ ହେବ । ଭାରତର ପ୍ରିୟ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପାର୍ବଣ ଭେଟି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଝାରସୁଗୁଡ଼ା କାର୍ଯ୍ୟକ୍ରମରୁ ହିଁ ସାରା ଭାରତ ବର୍ଷ ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି ଭାରତ ସଞ୍ଚାର ନିଗମ ଲିମିଟେଡ ୪ଜି ନେଟୱାର୍କ ସେବା ଉଦଘାଟନ କରିବେ । ସୂଚନାଥାଉକି ସାରା ଭାରତରେ ୯୭ ହଜାର ୫୦୦ଟି ୪ଜି ମୋବାଇଲ ଟାୱାର ରହିଛି ଯାହାର ମୂଲ୍ୟ ହେଉଛି ପାଖାପାଖି ୩୭ ହଜାର କୋଟି ଟଙ୍କା ।

ମୋଦିଜୀଙ୍କ ଦୃଢ଼ ଦିଗଦର୍ଶନରେ ବିଏସଏନଏଲ ୪ଜି ନେଟୱାର୍କ ସମ୍ପୂର୍ଣ୍ଣ ଆତ୍ମନିର୍ଭର ପୁଣି ୪ଜି ପ୍ରଯୁକ୍ତି ବିଦ୍ୟା ଦ୍ୱାରା ନିୟନ୍ତ୍ରିତ ହେବ । ଏହି ସଫଟୱେୟାର ୫ଜିକୁ ସହଜରେ ଅପଗ୍ରେଡ଼ କରାଯାଇ ପାରିବ । ବିଶେଷକରି ଉପାନ୍ତ, ଅଗମ୍ୟ, ଦୁର୍ଗମ ଜଙ୍ଗଲ ସୀମାନ୍ତ ତଥା ନକ୍ସଲ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬ ହଜାର ୭୦୦ ଗାଁକୁ ମୋବାଇଲ ସଂଯୋଗ ମିଳିବ । ଏଥିରୁ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଗାଯୋଗ ବ୍ୟବସ୍ଥା ସହ ଯୋଡ଼ିହେବେ । ଏହାସହ ବ୍ରହ୍ମପୁରରୁ ସୁରଟକୁ ଯୋଡୁଥିବା ଅମୃତ ଭାରତ ଏକ୍ସପ୍ରେସକୁ ଭିଡ଼ିଓ କନଫେରେସିଂ ଜରିଆରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ମୋଦିଜୀ ଆମ ଯୁବଶକ୍ତିକୁ ଦୃଢ଼ ସନ୍ଦେଶ ପ୍ରଦାନପୂର୍ବକ ଯୁବ ସମାବେଶ ଅବସରରେ ଅନେକ କାର୍ଯ୍ୟକ୍ରମ ଭିତରେ ତିନୋଟି ରେଳ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ସହ ରେଲୱେ ଫ୍ଲାଏଓଭର ଭିତ୍ତି ପ୍ରସ୍ତର ସ୍ଥାପନ କରିବେ । ଯାହାପାଇଁ ୨୭୩କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା ରହିଛି । (କ୍ରମଶଃ)

# ଲକ୍ଷ୍ମୀ ରୂପେଣ ସଂସ୍ଥିତା...

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପରମ ପୁରୁଷ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ପ୍ରସଙ୍ଗରେ କହିଛନ୍ତି – ମହାମାୟା ଦୁର୍ଗା ଦେବୀଙ୍କର ଦକ୍ଷିଣ ପାର୍ଶ୍ୱରେ ଲକ୍ଷ୍ମୀ ଦେବୀଙ୍କ ଅଧିଷ୍ଠାନ । ମା'ଦୁର୍ଗାଙ୍କର ଦୁଇ ଖ୍ୟାତନାମା କନ୍ୟା ଲକ୍ଷ୍ମୀ ଏବଂ ସରସ୍ୱତୀ । କଥାରେ ଅଛି ରୂପେ ଲକ୍ଷ୍ମୀ ଓ ଗୁଣେ ସରସ୍ୱତୀ । ମହାମାୟା ଦୁର୍ଗାଙ୍କର ପୂଜାରେ ତାଙ୍କ ଏହି ଦୁଇକନ୍ୟାଙ୍କର ମଧ୍ୟ ପୂଜା ହୁଏ । ତାହାଛଡ଼ା ପୃଥକ୍ ଭାବେ ବିଶେଷ ତିଥିରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କର ପୂଜା ଅନୁଷ୍ଠିତ ହୋଇଥାଏ । ମା'ଲକ୍ଷ୍ମୀ ଧନଧାନ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ । ଓଡ଼ିଶାର ଘରେ ଘରେ ମହା ଆଡ଼ମ୍ବରରେ ତାଙ୍କର ଆରାଧନା ହୁଏ । ପୂଜା ଶେଷରେ ଗୃହିଣୀ ମା'ଲକ୍ଷ୍ମୀଙ୍କ ପାଖରେ ଅଭ୍ୟୁଦୟ, ସମ୍ପଦ ଓ ଶ୍ରୀ ପ୍ରାର୍ଥନା କରନ୍ତି । ମା'ଲକ୍ଷ୍ମୀଙ୍କର କୃପାଲାଭ ନିମିତ୍ତ ପ୍ରତି ଘରେ ଘରେ ମାଆମାନେ ପ୍ରତି ଗୁରୁବାର ଲକ୍ଷ୍ମୀଙ୍କର ବ୍ରତ ପାଳନ କରନ୍ତି । ବ୍ୟକ୍ତିଗତ ବା ପାରିବାରିକ ଜୀବନରେ ସମସ୍ତେ ବିଭବ, ଉନ୍ନତି ଓ ସୌନ୍ଦର୍ଯ୍ୟ କାମନା କରନ୍ତି । ଆଉ ମା'ଲକ୍ଷ୍ମୀ ହେଉଛନ୍ତି ଏ ସବୁର ଅଧିଷ୍ଠାତ୍ରୀ ଦେବୀ । ଲକ୍ଷ୍ମୀ ଦେବୀଙ୍କର ପୂଜାର ଆୟୋଜନ ମହାଆଡ଼ମ୍ବରରେ ହୁଏ କିନ୍ତୁ ଯେଉଁମାନେ ପୂଜା କରନ୍ତି ସେମାନେ ଯଦି ଅପରିଚ୍ଛନ୍ନ, କଦାଚାରୀ, ଭୋଜନ ବିଳାସୀ, ସ୍ୱେଚ୍ଛାଚାରୀ, କଳହ ପରାୟଣା, ହୀନସ୍ୱାର୍ଥପର ଓ କୁଚରିତ୍ରବାନ ସମ୍ପନ୍ନ ହୁଅନ୍ତି ସେଠାରେ ମହାଲକ୍ଷ୍ମୀ ଚଞ୍ଚଳା ହୋଇଉଠନ୍ତି । ଚଞ୍ଚଳା ଅର୍ଥ ମା'କୌଣସି ଏକ ଜାଗାରେ ସ୍ଥିର ହୋଇ ରହନ୍ତି ନାହିଁ । ଯେଉଁମାନେ ତାଙ୍କୁ ରଖି ପାରନ୍ତି ନାହିଁ ସେଠାରେ ମହାଲକ୍ଷ୍ମୀ ଚଞ୍ଚଳା । ଲକ୍ଷ୍ମୀପୂଜା ମାନେ କେତେକ ମନ୍ତ୍ରପାଠ, ଶଙ୍ଖ ଧ୍ୱନୀ, ପାନ, ସୁପାରୀ ଓ ଘଟ-ପଲ୍ଲବ-ସିନ୍ଦୂର ସଜାଇବା ନୁହେଁ । ଏହା ପୂଜାର ଆନୁଷ୍ଠାନ ବା ଆଙ୍ଗିକ କିନ୍ତୁ ଏହା ପୂଜା ନୁହେଁ । ଲକ୍ଷ୍ମୀ ପୂଜା ମାନେ ମହାଲକ୍ଷ୍ମୀ ଯେପରି ଭାବରେ ଚାଲିବା ପସନ୍ଦ କରନ୍ତି ସେହିଭାବରେ ଚାଲିବା ଓ ଦୈବୀ ଭାବକୁ ବିହିତ ଅନୁଶୀଳନ ଓ ଅଭ୍ୟାସ ଭିତର ଦେଇ ଚରିତ୍ରରେ ଫୁଟାଇ ଉଠାଇବା – ଏକ କଥାରେ ଲକ୍ଷ୍ମୀ ଦେବୀ ହୋଇ ଉଠିବା । ପୂଜା ସମୟରେ ପଥର ବା ମାଟିର ମୂର୍ତ୍ତିକୁ ଦେବତା ଭାବି ତାଙ୍କ ସମ୍ମୁଖରେ ଧୂପ, ଦୀପ, ନୈବେଦ୍ୟ ଦେଇ ପୁସ୍ତକରେ ଲିଖିତ ମନ୍ତ୍ରାଦି ପାଠ କରି ପୂଜା ହୁଏ । କିନ୍ତୁ ମହାଲକ୍ଷ୍ମୀଙ୍କ ଚରିତ୍ର ନିଜ ଭିତରେ ଫୁଟାଇ ନପାରିଲେ ସେ ପୂଜା ସାର୍ଥକ ଲାଭ କରେନାହିଁ । ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁ କେବଳ ମନ୍ଦିରର ପ୍ରତିମା ହିସାବରେ ଦେଖନ୍ତି ନାହିଁ । ଦେବ ବା ଦେବୀଙ୍କର ଭାବମୂର୍ତ୍ତିକୁ ଆତ୍ମମାନଙ୍କ ଭିତରେ ଜୀବନ୍ତ କରି ଉଠାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଗୁରୁତ୍ୱ ପ୍ରଦାନ କରିଛନ୍ତି । କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମହାଲକ୍ଷ୍ମୀଙ୍କୁ ପୂଜା କରିବା ଅର୍ଥ ତାଙ୍କର ଇଛା ବୁଝି ଓ ଜାଣି ସେହି ପ୍ରକାର ଚଳିବା ଯାହାଫଳରେ ମହାଲକ୍ଷ୍ମୀ ପ୍ରୀତ ହୁଅନ୍ତି । ମହାଲକ୍ଷ୍ମୀ ଯେଭଳି ଧନଧାନ୍ୟର ଅଧିଷ୍ଠାତ୍ରୀ ସେହିଭଳି ସୌନ୍ଦର୍ଯ୍ୟର ମଧ୍ୟ ଦେବୀ ।

ଜଗତରେ ଯାହା କିଛି ସୁନ୍ଦର, ଶୋଭାର ଆଧାର, ପବିତ୍ରତାର ପ୍ରତୀକ ସେହିଠାରେ ହିଁ ମହାଲକ୍ଷ୍ମୀଙ୍କର ବସବାସ । ଈଶ୍ୱର ସତ୍ୟ-ଶିବ-ସୁନ୍ଦର । ଅତଏବ ସୌନ୍ଦର୍ଯ୍ୟ ଈଶ୍ୱରଙ୍କର ଗୋଟିଏ ଗୁଣ ଆଉ ମା'ଲକ୍ଷ୍ମୀ ସେହି ସୌନ୍ଦର୍ଯ୍ୟର ଦେବୀ । ଯାହାଙ୍କର ବାକ୍ୟ, ବ୍ୟବହାର, ପରିଚ୍ଛଦ, ଚରିତ୍ର, ଖାଦ୍ୟ, ଘରସଂସାର, କାର୍ଯ୍ୟକର୍ମ, ଖେଳାଧୂଳା, ଲେଖାପଢ଼ା, ସୁନ୍ଦର ଓ ନୟନାନନ୍ଦକର ସେହିଠାରେ ହିଁ ଲକ୍ଷ୍ମୀ ଅଚଳା ହୋଇ ଅବସ୍ଥାନ କରନ୍ତି । ଆଉ ଯେଉଁଠାରେ ଏହାର ବିପରୀତ ଚରିତ୍ର ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ସଦା ଚଞ୍ଚଳା । ଶ୍ରୀ ଶ୍ରୀ ଲକ୍ଷ୍ମୀ ଦେବୀଙ୍କର ବ୍ରତରେ ଅଛି – ଦିବାନିଦ୍ରା ଅନାଚାର କ୍ରୋଧ ଅହଙ୍କାର, ଆଳସ୍ୟ କଳହ ମିଥ୍ୟାରେ ପୂରିଛି ସଂସାର, ଉଚ୍ଚ ହସ ଉଚ୍ଚ ଭାଷା କହେ ନାରୀଗଣେ, ସନ୍ଧ୍ୟାକାଳେ ନିଦ୍ରା ଯାଏ ଝଗଡ଼ା ଜନେ ଜନେ, ଦୟାମାୟା ଲଜ୍ଜା ଆଦି ଦେଇ ବିସର୍ଜନ, ଯେଠାରେ ସେଠାରେ କରେ ସ୍ୱେଚ୍ଛାରେ ଗମନ, ଶ୍ୱଶୁର ଶାଶୁଡ଼ୀ ଗଣେ ନୁହେଁ ଭକ୍ତିମତି, ବାକ୍ୟବାଣ ବର୍ଷେ ସଦା ସେମାନଙ୍କ ପ୍ରତି, ପତିଦେବତାଙ୍କୁ ହେଳା ନଶୁଣେ ବଚନ, ଛାଡ଼ି ଦେଇ ଗୃହସ୍ଥଳୀ ଛାଡ଼ିଛି ବନ୍ଧନ, ପୁରୁଷଙ୍କ ପରିହାସେ ସମୟ କଟାଇ, ମିଥ୍ୟା ଛଡ଼ା ସତ୍ୟ କଥା କେବେ ନାହିଁ କହି – ଏହି ଅବସ୍ଥାରେ ଲକ୍ଷ୍ମୀ ଚପଳା ବା ଚଞ୍ଚଳା । ଏହିପରି ମନୁଷ୍ୟମାନେ ଯଦି ଲକ୍ଷ୍ମୀପୂଜା କରନ୍ତି ସେ ପୂଜା ବାହ୍ୟ ଆଡ଼ମ୍ବରପୂର୍ଣ୍ଣ, ପ୍ରାଣହୀନ, ଅନୁଷ୍ଠାନ ବ୍ୟତୀତ ଆଉକିଛି ନୁହେଁ । ଯଦି ପୁରୁଷ ଓ ନାରୀ ଉଭୟେ ଲକ୍ଷ୍ମୀ ପୂଜା କରନ୍ତି ଏବଂ ଯେହେତୁ ଲକ୍ଷ୍ମୀ ମାତୃ ଦେବୀ ସେଥିପାଇଁ ଲକ୍ଷ୍ମୀ ପୂଜାରେ ମା'ମାନଙ୍କର ତତ୍ପରତା ବେଶୀ ଦେଖାଯାଏ । ମା'ମାନେ ହିଁ ସାଧାରଣତଃ ଉପବାସ କରି ଲକ୍ଷ୍ମୀ ବ୍ରତ ପାଳନ କରନ୍ତି ଓ ପୂଜା ଶେଷରେ ପରସ୍ପରକୁ ସିନ୍ଦୂର ଦିଅନ୍ତି । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମହାଲକ୍ଷ୍ମୀଙ୍କର ବୀଜମନ୍ତ୍ରୀ ହେଉଛି – ଶ୍ରୀଂ ଅର୍ଥାତ୍ ମହାଲକ୍ଷ୍ମୀ ଶ୍ରୀ-ସ୍ୱରୂପିଣୀ । ଯେଉଁ ଗୃହରେ ଅନାଚାର, କଦାଚାର ଓ ବ୍ୟଭିଚାର ଘଟେ ସେଠାରେ ମହାଲକ୍ଷ୍ମୀ ଅନ୍ତର୍ହିତ ହୁଅନ୍ତି । ହୀନସ୍ୱାର୍ଥପରତା, ଅର୍ଥଲୋଭ, କଳହ, ଖିଟିମିଟିଆ ସ୍ୱଭାବ, ଅସହିଷ୍ଣୁତା, ହିଂସା, ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନ ମାନଙ୍କୁ ଅଶ୍ରଦ୍ଧା, ଅହଂମତ୍ତତା, ଅନ୍ୟକୁ ଦବାଇବାର ବୁଦ୍ଧି, ଅଭିମାନ ଓ ଆଧିପତ୍ୟ ଯେଉଁଠାରେ ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ହଜି ଯାଆନ୍ତି । ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ମନୁଷ୍ୟ ନିଜର ଟଙ୍କା ପର, ଯେତେ ପାରିବ ମନୁଷ୍ୟ ଧର । ପୁଣି ଦୟାଲ ଠାକୁର କହିଛନ୍ତି ମା'ମାନଙ୍କର ଲକ୍ଷ୍ମୀ ପୂଜା କରିବା ଅର୍ଥ ବ୍ୟକ୍ତିଗତ ଭାବେ ସେମାନେ ଜଣେ ଜଣେ ଲକ୍ଷ୍ମୀ ହୋଇ ଉଠିବେ । ଲକ୍ଷ୍ମୀ ଆସିଛି 'ଲକ୍ଷ' ଧାତୁ ଠାରୁ – ଅର୍ଥ ଅଙ୍କନ, ଚିହ୍ନିତକରଣ, ଜ୍ଞାନ, ଦର୍ଶନ ଓ ଆଲୋଚନା । ଏହାର ଅର୍ଥ – ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରନ୍ତି, ଯେଉଁଠାରେ ଯେଭଳି ଭାବେ ପ୍ରୟୋଜନ ତାହାକୁ ଚିହ୍ନିତ କରନ୍ତି – ଏହା ହିଁ ଲକ୍ଷ୍ମୀ ସ୍ୱଭାବ । ପରମ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ କହିଛନ୍ତି – ମହାଲକ୍ଷ୍ମୀ ଭିତରେ ଅଛି ଜ୍ଞାନ, ଦର୍ଶନ ଓ ସୌନ୍ଦର୍ଯ୍ୟ, ତେଣୁ ଲକ୍ଷ୍ମୀଙ୍କ ଆବାସ ସ୍ଥାନରେ ଅଜ୍ଞାନତା ଦୂର ହୁଏ, ସୁଦର୍ଶନ ଆସେ ଓ କୁତ୍ସିତ ଦୂର ହୋଇ ଆଲୋକ, ଦର୍ଶନ ଓ ଜ୍ଞାନର ପ୍ରକାଶ ଘଟେ । ମହାଲକ୍ଷ୍ମୀ ନାରାୟଣଙ୍କ ସହିତ ବୈକୁଣ୍ଠରେ ବାସ କରନ୍ତି । ବୈକୁଣ୍ଠର ଅର୍ଥ ବିଗତ କୁଣ୍ଠା ଯେଉଁଠାରେ, ଅର୍ଥ କୁଣ୍ଠା ଯେଉଁଠାରେ ନାହିଁ ଏହିପରି ମାନସିକ ଅବସ୍ଥା ହିଁ ବୈକୁଣ୍ଠ । ସେଥିପାଇଁ ଭକ୍ତକବି ମଧୁସୂଦନ ରାଓ କହିଛନ୍ତି – ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ସମସ୍ତ ପ୍ରକାର ସଙ୍କୋଚ, ସଂକୀର୍ଣ୍ଣତା ଓ ହୀନମନ୍ୟତା ତାର ଅବସାନ ଯେଉଁଠାରେ ତାହା ହିଁ ବୈକୁଣ୍ଠ । ଏହି ମାୟାଜାଲରୁ ଯେ ନିଜକୁ ମୁକ୍ତ ରଖି ଈଶ୍ୱରମୁଖୀ ଓ ଇଷ୍ଟମୁଖୀ ଚେତନାରେ ଅବସ୍ଥାନ କରି ସମସ୍ତ କୁଣ୍ଠାର ଅପନୋଦନ ଘଟାଇ ଇଷ୍ଟପ୍ରୀତ୍ୟର୍ଥେ ଜୀବନ ପରିଚାଳିତ କରନ୍ତି ସେ ହିଁ ବୈକୁଣ୍ଠରେ ସ୍ଥିତିଲାଭ କରନ୍ତି ।

ନାରାୟଣଙ୍କ ସହିତ ମହାଲକ୍ଷ୍ମୀ ଅବିଚ୍ଛେଦ୍ୟଭାବେ ବୈକୁଣ୍ଠରେ ଅବସ୍ଥାନ କରନ୍ତି । ତେଣୁ ଲକ୍ଷ୍ମୀ ପୂଜା ସମୟରେ ନାରାୟଣଙ୍କର ପୂଜା ଅବଶ୍ୟ କର୍ତ୍ତବ୍ୟ । ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜଗତବାସୀଙ୍କ ପାଖରେ ମହାଲକ୍ଷ୍ମୀଙ୍କର ଏହି ଚରିତ୍ର ଓ ଆଦର୍ଶକୁ ତୋଳି ଧରିଛନ୍ତି । ଅର୍ଥ ଉପାର୍ଜନ ଯେଉଁମାନେ କରିବାକୁ ଚାହାଁନ୍ତି ସେମାନଙ୍କୁ ନାରାୟଣଙ୍କୁ ସେବା କରିବାକୁ ହେବ । ନାରାୟଣ ସେବା ଅର୍ଥ ମନୁଷ୍ୟ ମାନଙ୍କ ସହିତ ପ୍ରୀତିପୂର୍ଣ୍ଣ ବ୍ୟବହାର ଓ ସତ୍‌ମୁଖୀ ଚଳନ । ବିଶ୍ୱସତ୍ତାର ଦୁଇଟି ସମ ବିପରୀତ ସତ୍ତା – ଲକ୍ଷ୍ମୀ ଓ ନାରାୟଣ । ନାରାୟଣ ହେଉଛନ୍ତି ପଜିଟିଭ୍ ଓ ଲକ୍ଷ୍ମୀ ହେଉଛନ୍ତି ନେଗେଟିଭ୍ । ତେଣୁ କଥିତ ଅଛି ଅନନ୍ତ ଶଯ୍ୟାରେ ଶାୟିତ ନାରାୟଣ ଓ ଲକ୍ଷ୍ମୀ ତାଙ୍କ ପଦ ସେବାରେ ରତ । ପଦ ଅର୍ଥ ଚରଣ ବା ଚଳନ । ନାରାୟଣଙ୍କ ନାଭି ପଦ୍ମରୁ ଜାତ ବ୍ରହ୍ମା, ସେ ସୃଷ୍ଟିକର୍ତ୍ତା । ବ୍ରହ୍ମା ଅର୍ଥ ଯାହାଙ୍କର ବୃଦ୍ଧି ଓ ଦିପ୍ତୀ ଅପରିମିତ । ସୃଷ୍ଟିର ପ୍ରଥମ ପ୍ରକାଶ ବ୍ରହ୍ମାଙ୍କ ଭିତରେ । ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଲାଭ ହୁଏ, ଆଉ ଏହି ସଂସାର ସମୁଦ୍ର ମନ୍ଥନରେ ଅନବଦ୍ୟ ଚେଷ୍ଟା ଓ ନିରଳସ ପରିଶ୍ରମରେ ସୌଭାଗ୍ୟ ଲକ୍ଷ୍ମୀ ବାନ୍ଧି ରୁହନ୍ତି । ମହାଲକ୍ଷ୍ମୀଙ୍କ ବାହନ ହେଉଛି ପେଚା । ଯାହାକି , ନିଶାଚର, ମାଂସାଶୀ ଓ ହିଂସ୍ର । ଏହି ପେଚକ ଚରିତ୍ରର ମନୁଷ୍ୟଙ୍କୁ ମହାଲକ୍ଷ୍ମୀ ତାଙ୍କର ବାହନ କରିଛନ୍ତି ଅର୍ଥ ନିଜ ପାଖରେ ରଖି ତାଙ୍କର ସ୍ୱଭାବ ସଂଶୋଧନ ନିମିତ୍ତ ଚେଷ୍ଟା କରନ୍ତି । ଏହି ତାତ୍ପର୍ଯ୍ୟ ଓ ଲକ୍ଷ୍ମୀପୂଜା ଉଦ୍ଦେଶ୍ୟ ସମ୍ବନ୍ଧରେ ମନୁଷ୍ୟ ଜାତିକୁ ସଚେତନ କରି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ଟଙ୍କାର ଯତ୍ନ କର ବା ନ କର, ମନୁଷ୍ୟର ଯତ୍ନ କର, ଲକ୍ଷ୍ମୀ କେଶବ ରହିବେ ବନ୍ଧା, ବିଭବରେ ତୁମେ ରହିବ ଅଟଳ ।

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କୃତ୍ରିମ ବୁଦ୍ଧିମତା ଓ ସ୍ୱାସ୍ଥ୍ୟ

**ପ୍ରଫେସର ଡାକ୍ତର ସମ୍ରାଟ କର**

କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆମ ଦିନଚର୍ଯ୍ୟାର ଏକ ଅଂଶ ପାଲଟିଗଲାଣି । ଆମେ କ'ଣ ଖାଇବା, କେତେବେଳେ କାହା ସହ ସାକ୍ଷାତ କରିବା ତାହା ନିଶ୍ଚିତ କରୁଛି ଏଆଇ । ଅନେକ ତ ଏବେ ନିଜକୁ ଫିଟ ରଖିବା ପାଇଁ ଜିମ ଯାଉନାହାନ୍ତି । ଆର୍ଟିଫିସିଆଲ ଇଣ୍ଟେଲଜେନ୍ସ ଆମର ଫିଟନେସ ଟ୍ରେନର ଦାୟିତ୍ୱ ମଧ୍ୟ ତୁଲାଉଛି । ତେବେ ଏହା ଆମ କାମକୁ, ଆମର ଜୀବନଶୈଳୀକୁ ଯେତେ ସହଜ କରୁଛି, ଏହା ଆମ ପାଇଁ ସେତିକି କ୍ଷତିକାରକ ବୋଲି ମଧ୍ୟ କହିଲେଣି ବିଶେଷଜ୍ଞ ।

ଧୀରେ ଧୀରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତା ଆମ ଜୀବନ ଶୈଳୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଗଲାଣି । ଆମେ କେବେ କାହାକୁ ଭେଟିବୁ ? ଏହାକୁ ନେଇ ମିଟିଙ୍ଗ ନିର୍ଦ୍ଧାରଣ କରିବା ଠାରୁ ଖାଦ୍ୟପେୟ ଏଆଇ ଦ୍ୱାରା ନିଶ୍ଚିତ କରାଯାଉଛି । ଆଗାମୀ ସମୟରେ ଏହି ଟ୍ରେଣ୍ଡ ଅଧିକ ବ୍ୟାପକ ହେବାକୁ ଯାଉଛି । କାରଣ ଏଆଇ ଏବେ ଫିଟନେସ କୋଚର କାମ କରିବା ଆରମ୍ଭ କରିଛି । ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଜିମ ଯାଇ ୱର୍କଆଉଟ କରିବାକୁ ସମୟ ନାହିଁ । ଏଥିରେ ସମୟ ମଧ୍ୟ ବର୍ବାଦ । ଏବେ ଅନେକ ଫିଟନେସ ଆପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଯୋଡ଼ା ଯାଉଛି । ଏହି ଆପଗୁଡ଼ିକ ଆପଣଙ୍କ କ୍ଷମତା, ଲକ୍ଷ୍ୟ ଏବଂ ଉପକରଣକୁ ଧ୍ୟାନରେ ରଖି କଷ୍ଟମାଇଜଡ଼ ୱର୍କଆଉଟ ଯୋଜନା ପ୍ରସ୍ତୁତ କରୁଛି । ଏହି ଏଆଇ ଆଧାରିତ ଆପ ଗୁଡ଼ିକର ସବୁଠୁ ବିଶେଷକଥା ହେଉଛି ଏହା ଉପଭୋକ୍ତାଙ୍କ ଡାଟାକୁ ନେଇ କହିପାରିଥାଏ କେଉଁ ୱର୍କଆଉଟ ସେମାନଙ୍କ ପାଇଁ ଉପଯୋଗୀ ଏବଂ କେଉଁଟା ନୁହେଁ । ଗୋଟିଏ ୱର୍କଆଉଟ ସର୍ତ୍ତକୁ ପୁରା କରିବା ପରେ ଏହି ଏଆଇ ଆଧାରିତ ଆପ ସ୍ୱୟଂ ଚାଳିତ ଭାବରେ ଆଗାମୀ ପ୍ରଶିକ୍ଷଣ ସର୍ତ୍ତକୁ କଷ୍ଟମାଇଜଡ଼ କରିଥାଏ । ଏହି ୱର୍କଆଉଟ ଆପ ଗୁଡ଼ିକରେ ଅନେକ ଫିଚର୍ସ ସାମିଲ ଥାଏ । ୱର୍କଆଉଟ କରିସାରିବା ପରେ ଫିଡବ୍ୟାକ ହିସାବରେ କହିବାକୁ ହୋଇଥାଏ, ବ୍ୟାୟାମ କରି ସାରିବା ପରେ ଆପଣ କିପରି ଅନୁଭବ କରୁଛନ୍ତି ? ଆପଣ କେତେ ସମୟରେ ୱର୍କଆଉଟ ପୁରା କରିଛନ୍ତି ? ଆପଣ କେତେ ଓଜନ ଉଠାଇଛନ୍ତି ଆଦି ସାମିଲ ଥାଏ । ଫିଟନେସ ଏବଂ ୱର୍କଆଉଟ ଉପରେ ନଜର ରଖିବା ପାଇଁ ସ୍ମାର୍ଟୱାଚର ଉପଯୋଗ ବହୁତ ବଢ଼ିଛି । ଏହା ସାହାଯ୍ୟରେ ଜଣେ ବ୍ୟକ୍ତି କଷ୍ଟମାଇଜଡ଼ ନୂଆ ୱର୍କଆଉଟ ତିଆରି କରିବା ପାଇଁ ତାଙ୍କର ହାର୍ଟ ରେଟ ଏବଂ କ୍ୟାଲୋରି ବର୍ନ ପରି ଡାଟାର ସାହାଯ୍ୟ ନେଉଛନ୍ତି । ବର୍ତ୍ତମାନ ସମୟରେ ଏହି ୱର୍କଆଉଟ ଆପସ୍ ଗୁଡ଼ିକ ପାଖରେ କୋଟି କୋଟି ସଂଖ୍ୟାର ୟୁଜର୍ସ ଅଛନ୍ତି । ଆଗାମୀ ସମୟରେ ଏହି ପ୍ରକାର ୱର୍କଆଉଟ ଆପ୍ସ ଗୁଡ଼ିକ ଅଧିକ ଉନ୍ନତ ହେବ । ଯାହା ସାହାଯ୍ୟରେ ଜଣେ ବ୍ୟକ୍ତିକୁ ସେହି ଆଧାରରେ ଆହୁରି ଅଧିକ କଷ୍ଟମାଇଜଡ଼ ୱର୍କଆଉଟ ତିଆରି କରିବାରେ ସାହାଯ୍ୟ କରିବ । ରିସର୍ଚ୍ଚ ରିପୋର୍ଟ ଏବଂ ପରିସଂଖ୍ୟାନ ଦର୍ଶାଉଛି ଯେ ୨୦୨୭ ସୁଦ୍ଧା ଫିଟନେସ ଆପ ବଜାର ୧୪.୬୪ କୋଟି ଡଲାରରେ ପହଞ୍ଚିବ ଏବଂ ୨୦୨୪ରେ ଫିଟନେସ ଆପ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦.୦୨ କୋଟିରେ ପହଞ୍ଚି ପାରିବ । ଘରେ ୱର୍କଆଉଟ କରିବା ହେଉ କିମ୍ବା ବିଭିନ୍ନ ଆପ୍ସ ସାହାଯ୍ୟରେ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ଫିଟନେସ ପାଇଁ ଏବେ ଅନେକ ଲୋକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରୁଛନ୍ତି ।

ବିଶେଷକରି ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ବ୍ୟକ୍ତିଙ୍କୁ ଧ୍ୟାନରେ ରଖି ଏପରି ଏଆଇ ଥେରାପିଷ୍ଟ ତିଆରି କରାଯାଉଛି, ଯେଉଁଥିରେ ବ୍ୟକ୍ତି ନିଜ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିପାରୁଛି । ଏହାର ଅର୍ଥ ମାନସିକ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ଥେରାପି ବି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ମାଧ୍ୟମରେ ଉପଲବ୍ଧ ହେଉଛି । ମାନସିକ ସ୍ୱାସ୍ଥ୍ୟ ପାଇଁ ଏଆଇ ଉଇଜା, ହେ ଏବଂ ୱବୋଟ ପରି ଆପ୍ସ ଜରିଆରେ ଥେରାପି କରାଯାଉଛି । ଯେତେବେଳେ ଏହି ଆପ ଥେରାପି ପ୍ରୋସେସ ଆରମ୍ଭ କରିଥାଏ ଏହା କିଛି ପ୍ରଶ୍ନ ସେଟ କରିଥାଏ ଯାହାକୁ ଲୋକମାନେ ନିଜେ ବାଛିଥାନ୍ତି । ଏହି ଆପ୍ସ ଗୁଡ଼ିକ ସଂଜ୍ଞାତ୍ମକ ବ୍ୟବହାର ଥେରାପିରୁ ପ୍ରେରିତ । ଏହା ଚିନ୍ତା ଅବସାଦକୁ ଦୂର କରିବା ପାଇଁ ଲୋକଙ୍କ ଭାବିବା ଏବଂ ବ୍ୟବହାରର ଶୈଳୀକୁ ବଦଳିବାକୁ ପ୍ରେରିତ କରିଥାଏ । ତେବେ ଏହା ବ୍ୟତୀତ ମଧ୍ୟ ଆହୁରି ଏଆଇ ଥେରାପିଷ୍ଟ ଅଛି ଯାହା ଯୁବ ପିଢ଼ିଙ୍କ ଭିତରେ ଖୁବ ଲୋକପ୍ରିୟ ହୋଇପାରିଛି । ସେଥିରୁ ଗୋଟିଏ ହେଉଛି ସାଇକୋଲୋଜିଷ୍ଟ । ହ୍ୟାରିପୋଟର, ଏଲନ ମସ୍କ, ବେୱାନ୍ସ, ସୁପର ମାରିୟୋ ଏବଂ ଭ୍ଲାଦମିର ପୁଟିନ ଏହି ନାମ ଗୁଡ଼ିକ ହେଉଛି ସେହି ଲକ୍ଷ ଲକ୍ଷ କୃତ୍ରିମ ବୁଦ୍ଧିମତା ବ୍ୟକ୍ତିତ୍ୱର କିଛି ନାମ ଯାହା ସହ କ୍ୟାରେକ୍ଟର, ଏଆଇରେ କଥାବାର୍ତ୍ତା ହେବା ସମ୍ଭବପର । ଏହା ଏମିତି ଏକ ଲୋକପ୍ରିୟ ମଞ୍ଚ ଯେଉଁଠାରେ କେହି ବି କାଳ୍ପନିକ ଏବଂ ବାସ୍ତବିକ ଲୋକଙ୍କ ନାମରେ ଚାଟବଟ ତିଆରି କରିପାରିବେ । ସାଇକୋଲୋଜିଷ୍ଟ ଆପ ମଧ୍ୟ କ୍ୟାରେକ୍ଟର ଏଆଇ ପରି କାମ କରିଥାଏ । କ୍ୟାରେକ୍ଟର, ଏଆଇ ବି ଚାଟବଟ ଚାଟଜିପିଟି ପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକନିକର ବ୍ୟବହାର କରିଥାଏ । କିନ୍ତୁ ଏବେ କ୍ୟାରେକ୍ଟର, ଏଆଇ ଚାଟବଟ ତୁଳନାରେ ସାଇକୋଲୋଜିଷ୍ଟ ନାମକ ଚାଟବଟ ଅଧିକ ଲୋକପ୍ରିୟ ହେଉଛି । ସାଇକୋଲୋଜିଷ୍ଟକୁ ବ୍ଲେଜମ୍ୟାନ ୯୮ ନାମକ ଜଣେ ୟୁଜର ବର୍ଷକ ପୂର୍ବେ ତିଆରି କରିଥିଲେ । ଏହି ଚାଟବଟରେ ଏଯାଏ ୭୮ ମିଲିୟନ ମେସେଜ ସେୟାର କରାଯାଇଛି । କ୍ୟାରେକ୍ଟର, ଏଆଇ ବା ବ୍ଲେଜମ୍ୟାନ୯୮ ଏହି ଚାଟବଟରେ କେତେ ଉପଭୋକ୍ତା ଅଛନ୍ତି ତାହା ପ୍ରକାଶ କରି ନାହିଁ । କିନ୍ତୁ ଏହା ଅନୁଯାୟୀ ପ୍ରତିଦିନ ୩.୫ ମିଲିୟନ ଲୋକ ଏହି ସାଇଟକୁ ଆସିଥାନ୍ତି । ଏହି ଚାଟବଟର ପରିଚୟ ଜୀବନରେ ଆସୁଥିବା ସମସ୍ୟା ସମାଧାନରେ ସାହାଯ୍ୟ କରୁଥିବା ବ୍ୟକ୍ତି ରୂପେ ହୋଇଥାଏ । ଏଥିରେ ସମୁଦାୟ ୪୭୫ ଚାଟବଟ ଅଛି । ଯାହାର ନାମ ଥେରାପି, ଥେରାପିଷ୍ଟ, ସାଇକାଟ୍ରିଷ୍ଟ ଏବଂ ସାଇକୋଲୋଜିଷ୍ଟ । ଏମାନେ ବିଭିନ୍ନ ଭାଷାରେ ମଧ୍ୟ କଥାବର୍ତ୍ତା ହୋଇପାରନ୍ତି । ଏଥିରେ ସବୁଠୁ ଅଧିକ ଲୋକପ୍ରିୟ ହେଉଛି ମାନସିକ ସ୍ୱାସ୍ଥ୍ୟ ସହାୟକ ପରି ଥେରାପିଷ୍ଟ । ଆର ୟୁ ଫିଲିଙ୍ଗ ଓକେ ପରି ଚାଟବଟରେ ମଧ୍ୟ ୧୬.୫ ମିଲିୟନ ମେସେଜ ପ୍ରତିଦିନ ସେୟାର କରାଯାଇଥାଏ । ଏହା ବ୍ୟତୀତ ଲିମ୍ବିକ ଆକ୍ସେସ ନାମକ ଏକ ଏଆଇ ସେବାକୁ ମଧ୍ୟ ଗତ ବର୍ଷ ବ୍ରିଟେନ ସରକାର ମେଡ଼ିକାଲ ଡିଭାଇସ ପ୍ରମାଣ ପତ୍ର ଦେଇଥିଲା । ଏହି ପ୍ରମାଣ ପତ୍ର ହାସଲ କରିଥିବା ପ୍ରଥମ ମାନସିକ ସ୍ୱାସ୍ଥ୍ୟ ଚାଟବଟ । କିନ୍ତୁ କିଛି ସ୍ୱାସ୍ଥ୍ୟ ମନୋବୈଜ୍ଞାନିକ ମତରେ ଏହିପରି ଏଆଇ ଥେରାପିଷ୍ଟ ଗୁଡ଼ିକ ରୋଗୀଙ୍କୁ ଖରାପ ପରାମର୍ଶ ଦେଇପାରେ । କିନ୍ତୁ ଚିକିତ୍ସା ଜଗତ ଏହି ଚାଟବଟ ଗୁଡ଼ିକୁ ଧୀରେ ଧୀରେ ଉପକରଣ ରୂପେ ସ୍ୱୀକାର କରିବା ଆରମ୍ଭ କରିଛନ୍ତି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# କୁମାରଉତ୍ସବ

**ଡ଼ଃ.ଅରୁନ୍ଧତୀ ଦେବୀ**

ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ । ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ୧୬ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି – ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି – ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ଓଡ଼ିଆ ଚିନ୍ତା ଚେତନାରେ କୁମାର ଉତ୍ସବ ବା କୁମାର ପୂର୍ଣ୍ଣିମା ଅନ୍ୟତମ । ଆଶ୍ୱିନ ମାସ ପୂର୍ଣ୍ଣିମୀ ତିଥିରେ ଏହି ପର୍ବଟି ପାଳିତ ହୁଏ । ଏହି ଦିନ ଜଗତ୍‌ମାତା ବା ଲକ୍ଷ୍ମୀ ଦେବୀଙ୍କ ପୂଜା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶ୍ରୀ ଲକ୍ଷ୍ମୀ । ଶାରଦୀୟ ପୂର୍ଣ୍ଣିମାରେ ଲକ୍ଷ୍ମୀ ଦେବୀଙ୍କର ଆରାଧାନା କରିବା ତ ସ୍ୱାଭାବିକ କଥା । ଶରତର ଶେଷ ସହିତ ହେମନ୍ତର ଆଗମନ । ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ କେଉଁଠି କେମିତି ପାଚିଲା ଧାନକିଆରୀର ସୁନେଲୀ ଆଡ଼ମ୍ବର । ବର୍ଷାରତ୍ନ୍ତ ଧରାପୃଷ୍ଠରୁ ବିଦାୟ ନେଇ ସାରିଥାଏ ତେଣୁ ନିର୍ମଳ ଆକାଶ, ନଦୀ, ପୁଷ୍କରିଣୀର ଜଳରାଶି ଅନାବିଳ । ସତେଯେପରି ମାଆ ଧରିତ୍ରୀ ହସୁଛନ୍ତି । ଏହି ସମୟରେ ଗଜପୃଷ୍ଠରେ ଲକ୍ଷ୍ମୀ ଦେବୀଙ୍କର ହୁଏ ପଦାର୍ପଣ । ଭକ୍ତିପୂତ ହୃଦୟର ନିବେଦନ ଶୁଣି ମହାଲକ୍ଷ୍ମୀ ରାତ୍ରୀ ସମୟରେ ଭକ୍ତ ଗୃହରେ ଉପସ୍ଥିତ ହୋଇ କୁହନ୍ତି 'ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀ ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅକ୍ଷୈଃ କ୍ରୀଡ଼ାଂ କରୋତି ଯଃ' । ଯିଏ ରାତ୍ର ଉଜାଗର ରହି ପଶାଖେଳରେ ନିଯୁକ୍ତ ରହେ ତାହାକୁ ହିଁ ଲକ୍ଷ୍ମୀ ଦେବୀ ବରପ୍ରଦାନ କରନ୍ତି । ମୃତ୍ୟୁର କରାଳ କବଳରେ ନବଜାତକ ଅକସ୍ମାତ ପତିତ ହେବା କିମ୍ବା ପୌଷର ଶୁଷ୍କପତ୍ର ତୁଲ୍ୟ ବୃଦ୍ଧଗଣ ମୃତ୍ୟୁ ପ୍ରତୀକ୍ଷାରେ ଅତିଷ୍ଠ ହୋଇ ଉଠିବା – ଏତ ସଂସାରର ନିୟମ । ଏହାର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତ ହେଉଛି ପଶାଖେଳ । ତେଣୁ କୁମାର ପୂର୍ଣ୍ଣମୀରେ ପଶାଖେଳର ପ୍ରଚଳନ – ଏଇ ସଂସାରିକ ତତ୍ତ୍ୱର ଉପଲବ୍ଧି ପାଇଁ ।

ମା'ଲକ୍ଷ୍ମୀଙ୍କର ନିର୍ଦ୍ଦେଶ, ଯେଉଁ ବ୍ୟକ୍ତି ଏ ଉଠାପଡ଼ା ଦୁନିଆରେ ନିଜ ପୁରୁଷାକାର ଦ୍ୱାରା ସ୍ଥିର ରହେ ସେହି କେବଳ ଜିତାପଟ ନିଏ । କାରଣ ଲକ୍ଷ୍ମୀଙ୍କର ଅନ୍ୟ ନାମ ଚଞ୍ଚଳା । ସେ କାହାକୁ ହସାନ୍ତି ତ କାହାକୁ କନ୍ଦାନ୍ତି । କାହା ମୁଣ୍ଡରେ ରାଜମୁକୁଟ ପିନ୍ଧାନ୍ତି ତ କାହାକୁ ଦାଣ୍ଡର ଭିକାରୀ କରନ୍ତି । ତେଣୁ ରୋଗ, ଶୋକ, ଅଭାବ, ଅନାଟନର ଅନ୍ଧକାର ରାତ୍ରିରେ ଯିଏ ଉଜାଗର ରହେ ଏବଂ ଅସ୍ଥିର ଓ କ୍ଳାନ୍ତ ହୁଏ ନାହିଁ ସେହି କେବଳ ଲକ୍ଷ୍ମୀଙ୍କର ବରପୁତ୍ର ହୁଏ । ତେଣୁ କୁମାର ପୂର୍ଣ୍ଣମୀରେ ଉଜାଗର ରହିବା ପ୍ରଥା ଓଡ଼ିଶାର ବହୁ ସ୍ଥଳରେ ପ୍ରଚଳନ ରହିଛି । କୁମାର ପୂର୍ଣ୍ଣମୀ ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଏ । ଏହା ମଧ୍ୟ ପୁରାଣରେ ବର୍ଣ୍ଣିତ ଅଛି – 'ନାରିକେଳେଶ୍ଚି ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନୟେତ୍ତେନ ସ୍ୱୟଂ ତଦଶନୋ ଭବେତ୍' । ଚୁଡ଼ା ନଡ଼ିଆରେ ଲକ୍ଷ୍ମୀ ଦେବୀଙ୍କ ନୈବେଦ୍ୟ ପ୍ରସ୍ତୁତ କରିବାର ତାତ୍ପର୍ଯ୍ୟ ହେଉଛି – ଅନ୍ନହିଁ ଲକ୍ଷ୍ମୀଙ୍କର ରୂପମନ୍ତ ପ୍ରକାଶ । ସେହି ହେତୁରୁ ଧାନ ମଧ୍ୟ ଲକ୍ଷ୍ମୀ ନ୍ୟାୟରେ ପୂଜ୍ୟ । ଏହି ଦିନରେ ପୁଣି ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା କରାଯାଏ । ପ୍ରତ୍ୟେକ ଘରର କୁମାର କୁମାରୀ ମାନେ ନୂତନ ବସ୍ତ୍ର ପରିଧାନ କରନ୍ତି ଓ ସଂଧ୍ୟା ସମୟରେ ନବୋଦିତ୍ ଚନ୍ଦ୍ରଙ୍କର ଆରାଧନା କରନ୍ତି । କୁମାରୀମାନଙ୍କର ଏହା ଏକ ବଡ଼ ଉତ୍ସବ ଦିନ । ଏଥିପାଇଁ ମାସକ ପୂର୍ବରୁ ଏମାନଙ୍କର ପ୍ରସ୍ତୁତି ଚାଲିଥାଏ । ଭାଦ୍ରବ ପୂର୍ଣ୍ଣମୀ ବା ଇନ୍ଦୁ ପୂର୍ଣ୍ଣମୀ ଠାରୁ କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା କରନ୍ତି । ଜହ୍ନି ଫୁଲରେ କୋଠି ତିଆରି କରି, କଳସ ସ୍ଥାପନ କରି, ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି । ସେହି ପୂଜାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣମୀରେ ।

ସନ୍ଧ୍ୟାର ପୂଜା ଉତ୍ସବ ବେଳେ ମଧ୍ୟ ଆକାଶରୁ ଗୋଧୂଳିର ରକ୍ତିମା ଲିଭି ନଥାଏ କିମ୍ବା ପୂର୍ଣ୍ଣମୀ ଜହ୍ନ ତାର ସମୁଦାୟ କାନ୍ତି ପ୍ରକାଶ କରିନଥାଏ । ଏହିପରି ମଧୁର ସନ୍ଧିବେଳାରେ ଚନ୍ଦ୍ର ପୂଜାର ଆୟୋଜନ ହୁଏ । ତେଣୁ ଏମାନେ ଏକକାଳୀନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟର ପୂଜା କରି ନିଜର ସୌଭାଗ୍ୟ କାମନା କରିଥାନ୍ତି । କୁମାରୀମାନେ କୌତୁକ କ୍ରୀଡ଼ାକରି କୁମାର ପୂର୍ଣ୍ଣମୀ ରାତ୍ରିଟି ଉଜାଗରରେ କଟାଇ ଦିଅନ୍ତି । ଏହି ପର୍ବ ଓଡ଼ିଶାର ଘରେ ଘରେ ପାଳିତ ହୁଏ ଏବଂ ଏ ଦିନ ଓଡ଼ିଶାବାସୀ ଗଜଲକ୍ଷ୍ମୀ, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା ଆରାଧନା କରି ନିଜର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରିଥାନ୍ତି ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



## ବିଶ୍ୱ ମାନଚିତ୍ରରୁ ଲିଭିଯିବ ପାକିସ୍ତାନ !

**ମୁମ୍ବାଇ,୫।୧୦ :**ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନା ମୁଖ୍ୟଙ୍କ ବୟାନରେ ଛାନିଆ ହେଲାଣି ପାକିସ୍ତାନ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଭାରତ ତାର ନାଗରିକ ଏବଂ ଦେଶର ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ଯେକୌଣସି ସୀମା ପାର କରିପାରେ । ଭାରତୀୟ ସେନା ମୁଖ୍ୟ ମଧ ପାକିସ୍ତାନକୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଯଦି ପଡ଼ୋଶୀ ଦେଶ ନିଜକୁ ବିଶ୍ୱ ମାନଚିତ୍ରରେ ଦେଖିବାକୁ ଚାହେ, ତେବେ ସେ ଆତଙ୍କବାଦକୁ ଆଶ୍ରୟ ଦେବା ବନ୍ଦ କରିବା ଉଚିତ । ଏହି ବୟାନରେ ଛାନିଆ ହୋଇ ପାକିସ୍ତାନୀ ଆର୍ମି ଏବେ ଭାରତକୁ ଧମକ ଦେଇଛି। ପାକିସ୍ତାନ ଆର୍ମି ଭାରତର ସେନା ମୁଖ୍ୟଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ରାଗରେ ତାଟିଆ କାମୁଡୁଛି ।ଭାରତକୁ ଧମକ ଦେଇ ପାକ୍ ଆର୍ମି କହିଛି ଯେ ଦୁଇ ଦେଶ ମଧ୍ୟରେ ଭବିଷ୍ୟତରେ ସଂଘର୍ଷ ଭୟଙ୍କର ବିନାଶ ଆଣିପାରେ । ପାକିସ୍ତାନୀ ଆର୍ମି ଭାରତର ଚେତାବନୀକୁ ଡ଼ରି ବିଳିବିଳାଇଲାଣି । ଭାରତୀୟ ସୁରକ୍ଷା ପ୍ରତିଷ୍ଠାନର ଶୀର୍ଷ ପଦାଧିକାରୀମାନଙ୍କଠାରୁ ଆସୁଥିବା ଭ୍ରାମକ, ଉତ୍ତେଜନାପୂର୍ଣ୍ଣ ଏବଂ ଜାତୀୟତାବାଦୀ ବୟାନ ଉପରେ ପାକ୍ ଆର୍ମି ଗମ୍ଭୀର ଚିନ୍ତା ପ୍ରକାଶ କରିଛି। ସେ କହିଛି ଭାରତର ପ୍ରତିରକ୍ଷା ମନ୍ତ୍ରୀ , ସେନା ଏବଂ ବାୟୁସେନା ମୁଖ୍ୟଙ୍କ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ବୟାନକୁ ଦୃଷ୍ଟିରେ ରଖି, ଆମେ ସତର୍କ କରାଇ ଦେଉଛୁ ଯେ ଭବିଷ୍ୟତରେ ଯେକୌଣସି ସଂଘର୍ଷ ବିପର୍ଯ୍ୟୟର କାରଣ ହୋଇପାରେ । ଯଦି ଶତ୍ରୁତାର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୁଏ, ତେବେ ପାକିସ୍ତାନ ପଛକୁ ହଟିବ ନାହିଁ । ବିନା ଦ୍ୱିଧାରେ ଆମେ ଏହାର ଜବାବ୍ ଦେବୁ ।

## ଦାର୍ଜିଲିଂ ଭୂସ୍ଖଳନ: ମୃତ୍ୟୁସଂଖ୍ୟା ୧୮କୁ ବୃଦ୍ଧି

**କୋଲକାତା,୫।୧୦ :**ରବିବାର ଦିନ ପଶ୍ଚିମବଙ୍ଗର ଦାର୍ଜିଲିଂରେ ହୋଇଥିବା ଭୂସ୍ଖଳନରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ନିଖୋଜ ଅଛନ୍ତି । ଅଧିକାରୀମାନେ କହିଛନ୍ତି ଯେ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିପର୍ଯ୍ୟୟ ଏବଂ ଜୀବନହାନୀ ପାଇଁ ଶୋକ ପ୍ରକାଶ କରିଛନ୍ତି ଏବଂ ବିପର୍ଯ୍ୟୟକୁ ସ୍ୱୀକାର କରିଛନ୍ତି, କାରଣ ପଶ୍ଚିମବଙ୍ଗର ଦାର୍ଜିଲିଂ ଏବଂ



କାଲିମ୍ପଙ୍ଗ ପାହାଡ଼ରେ ମୁଷଳଧାରାରେ ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି । ମୁଖ୍ୟମନ୍ତ୍ରୀ ଏକ୍ସରେ ଏକ ପୋଷ୍ଟରେ ହେଲ୍ପଲାଇନ୍ ନମ୍ବର ଜାରି କରି କହିଛନ୍ତି ଯେ ସେ ପରିସ୍ଥିତିର ସମୀକ୍ଷା କରିବା ପାଇଁ ଅକ୍ଟୋବର ୬ ତାରିଖରେ ତାଙ୍କ ମୁଖ୍ୟ ସଚିବଙ୍କ ସହିତ ପ୍ରଭାବିତ ଅଞ୍ଚଳ ଗସ୍ତ କରିବେ । ସେ ପ୍ରଭାବିତଙ୍କ ପାଇଁ କ୍ଷତିପୂରଣ ଘୋଷଣା ମଧ କରିଥିଲେ କିନ୍ତୁ ପରିମାଣ ପ୍ରକାଶ କରି ନଥିଲେ । ନିରନ୍ତର ବର୍ଷା ଯୋଗୁଁ ଗୁରୁତ୍ୱପୂର୍ଣ୍ଣ ରାସ୍ତା, ପୋଲ କ୍ଷତିଗ୍ରସ୍ତ ଏବଂ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜରୁରୀ ସୁରକ୍ଷା ପରାମର୍ଶ ଜାରି କରାଯାଇଛି। ଶନିବାର ରାତିରେ ମିରିକ-ସୁଖିଆପୋଖରୀ ରାସ୍ତା ନିକଟରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟି ଘରଗୁଡ଼ିକ ଭାଙ୍ଗି ଯିବା ସହିତ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦାର୍ଜିଲିଂ ସବ-ଡିଭିଜନାଲ ଅଫିସର ରିଚାର୍ଡ ଲେପଚା ପ୍ରାରମ୍ଭିକ ମୃତ୍ୟୁ ନିଶ୍ଚିତ କରିବା ସହିତ ଏହି ସଂଖ୍ୟା ବୃଦ୍ଧିପାରେ ବୋଲି କହିଛନ୍ତି ।

## ପଶ୍ଚିମବଙ୍ଗ ଜେଲରେ ଅଛନ୍ତି ସର୍ବାଧିକ ବିଦେଶୀ କଏଦୀ

**ମୁମ୍ବାଇ,୫।୧୦ :**ଦେଶର ଅନେକ ଜେଲରେ ଅଗଣିତ କଏଦୀ ବନ୍ଦୀ ଅଛନ୍ତି, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ କେଉଁ ରାଜ୍ୟରେ ସର୍ବାଧିକ ସଂଖ୍ୟାରେ ବିଦେଶୀ କଏଦୀ ଅଛନ୍ତି ? ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଭାରତୀୟ କାରାଗାର ପରିସଂଖ୍ୟାନ ୨୦୨୩ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ କୁହାଯାଇଛି ଯେ ପଶ୍ଚିମବଙ୍ଗର ଜେଲରେ ସର୍ବାଧିକ ସଂଖ୍ୟକ ବିଦେଶୀ କଏଦୀ ଅଛନ୍ତି । ଭାରତରେ ମୋଟ ୬୯୫୬ ଜଣ ବିଦେଶୀ କଏଦୀ ଅଛନ୍ତି, ଯେଉଁଥିରୁ ୨୫୦୮ ବିଦେଶୀ କଏଦୀ (ପ୍ରାୟ ୩୬ ପ୍ରତିଶତ) ପଶ୍ଚିମବଙ୍ଗର ଜେଲରେ ବନ୍ଦୀ ଅଛନ୍ତି । ପଶ୍ଚିମବଙ୍ଗର ଜେଲରେ ଥିବା ବିଦେଶୀ କଏଦୀମାନଙ୍କ ମଧ୍ୟରୁ ଅଧିକାଂଶ ବାଂଲାଦେଶୀ ଯେଉଁମାନେ ବେଆଇନ ଭାବରେ ଭାରତରେ ପ୍ରବେଶ କରିଛନ୍ତି ଏବଂ ବର୍ତ୍ତମାନ ଭାରତରେ କୋର୍ଟରେ ସେମାନଙ୍କର ବିଚାର ଚାଲିଛି ପଶ୍ଚିମବଙ୍ଗର ଜେଲରେ ୨୫୭୭୪ କଏଦୀ ଅଛନ୍ତି, ଯେଉଁଥିରୁ ୯ ପ୍ରତିଶତ ବିଦେଶୀ ନାଗରିକ । ଏମାନଙ୍କ ମଧ୍ୟରୁ ୭୭୮ ବାଂଲାଦେଶୀ କଏଦୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ୧୪୪୦ ଜଣଙ୍କ ବିରୁଦ୍ଧରେ ମାମଲା ବିଚାରାଧୀନ ଅଛି । ପଶ୍ଚିମବଙ୍ଗର ଜେଲରେ ମିଆଁମାରର ଲୋକମାନେ ଦ୍ୱିତୀୟ ସର୍ବାଧିକ ବିଦେଶୀ ନାଗରିକ। ଭାରତ ଏବଂ ବାଂଲାଦେଶ ମଧ୍ୟରେ ସୀମା ବିଶ୍ୱର ପଞ୍ଚମ ସର୍ବାଧିକ ଅନ୍ତର୍ଜାତୀୟ ସୀମା, ଯାହା ପ୍ରାୟ ୫୦୦୦ କିଲୋମିଟର ବ୍ୟାପି ରହିଛି। ଏହି ସୀମାର ଅଧିକାଂଶ ପଶ୍ଚିମବଙ୍ଗ ମଧ୍ୟରେ ଅବସ୍ଥିତ। ଏହି କାରଣରୁ ଅନେକ ବାଂଲାଦେଶୀ ବେଆଇନ ଭାବରେ ପଶ୍ଚିମବଙ୍ଗରେ ପ୍ରବେଶ କରନ୍ତି । ଏହି ବିଦେଶୀ କଏଦୀଙ୍କ ମଧ୍ୟରେ ଅନେକ ମହିଳା ଅଛନ୍ତି । ରିପୋର୍ଟ ଅନୁଯାୟୀ, ପଶ୍ଚିମବଙ୍ଗର ୬୦ଟି ଜେଲରେ ୨୧୪୭୬ କଏଦୀଙ୍କ କ୍ଷମତା ରହିଛି, କିନ୍ତୁ ସେଗୁଡ଼ିକରେ ୨୫୭୭୪ ଜଣ ଅଛନ୍ତି। ରାଜ୍ୟର ଏକମାତ୍ର ମହିଳା ଜେଲରେ ବି କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି ମହିଳା ଜେଲରେ ମୋଟ ୭୯୬ ମହିଳା କଏଦୀ ଅଛନ୍ତି, ଯେଉଁଥିରେ ୨୦୪ ବିଦେଶୀ ଏବଂ ୧୨ ଜଣ ଟ୍ରାନ୍ସଜେଣ୍ଡର ମହିଳା ଅଛନ୍ତି ।

# ତେଜସ୍ୱୀ-ରାହୁଲଙ୍କୁ କଟାକ୍ଷ କଲେ ବିଜୟ ସିହ୍ନା

**ପାଟନା,୫।୧୦ :**ବିହାର ନିର୍ବାଚନ ପାଖେଇ ଆସୁଛି, ଏବଂ କିଛି ଦିନ ମଧ୍ୟରେ ଭୋଟ୍ ତାରିଖ ଘୋଷଣା ହେବାର ଆଶା କରାଯାଉଛି । ବିହାରରେ ଏକକ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ଜନତା ଦଳ (ୟୁନାଇଟେଡ୍) ନିର୍ବାଚନ କମିସନଙ୍କୁ କରିଥିବା ଦାବିର ଜବାବରେ ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନା କହିଛନ୍ତି ଯେ, ପ୍ରତ୍ୟେକ ଦଳର ନିଜସ୍ୱ ମତ ଏବଂ ଦାବି ରହିଛି । ତଥାପି, ଏନଡିଏ ନିର୍ବାଚନ କମିସନଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବ । ଗଣମାଧ୍ୟମ ସହିତ କଥାବାର୍ତ୍ତାରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ଦଳର ନିଜସ୍ୱ ମତ ଏବଂ ଦାବି ରହିଛି। ନିର୍ବାଚନ କମିସନ ଏକ ସ୍ୱାଧୀନ ସଂସ୍ଥାୟ ଏହା ଯାହା ନିଷ୍ପତ୍ତି ନେବ, ସମସ୍ତଙ୍କୁ ତାହା ଗ୍ରହଣ କରିବାକୁ ପଡିବ। ବିଜୟ କୁମାର ସିହ୍ନାଙ୍କ ଏହି ମନ୍ତବ୍ୟ ଜେଡିୟୁର ବିହାର ସଭାପତି ଉମେଶ ସିଂହ କୁଶୱାହାଙ୍କ ମନ୍ତବ୍ୟ ପରେ ଆସିଛି। ସେ କହିଥିଲେ ଯେ, ତାଙ୍କ ଦଳ ନିର୍ବାଚନ କମିସନଙ୍କୁ ଗୋଟିଏ ପର୍ଯ୍ୟାୟରେ ଏବଂ ଛଟ୍ ପୂଜା ପରେ ନିର୍ବାଚନ କରିବାକୁ ଅନୁରୋଧ କରିଛି ଯାହା ଦ୍ୱାରା ରାଜ୍ୟ ବାହାରେ ରହୁଥିବା ଲୋକମାନେ ମଧ ଭୋଟ୍ ଦେଇପାରିବେ । ସିହ୍ନା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ



ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମଧ କଟାକ୍ଷ କରି ସେମାନଙ୍କୁ ଆପ୍ପୁ ଏବଂ ପପ୍ପୁ ବୋଲି କହିଛନ୍ତି । ସେ ଉଭୟ ନେତାଙ୍କୁ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଥିବାର ଅଭିଯୋଗ କରିଛନ୍ତି । ସେ କହିଥିଲେ, 'ଆପ୍ପୁ' ଏବଂ 'ପପ୍ପୁ' (ତେଜସ୍ୱୀ ଯାଦବ ଏବଂ ରାହୁଲ ଗାନ୍ଧୀ) ଦୁଇଜଣ ନେତାୟ ସେମାନେ ଜଣେ ନିଜକୁ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଜଣେ ନିଜକୁ ପ୍ରଧାନମନ୍ତ୍ରୀ କରି ଚାଲିଛନ୍ତି । ସେମାନେ ସାମ୍ବିଧାନିକ ପଦବୀରେ ଅଛନ୍ତି କିନ୍ତୁ ସେମାନଙ୍କର ଦାୟିତ୍ୱ ପାଳନ କରିବାରେ ବିଫଳ ହେଉଛନ୍ତି । ଜନସାଧାରଣ ନିଷ୍ପତ୍ତି ନେଇଛନ୍ତି ଯେ, ନେତା ସେହି ବ୍ୟକ୍ତି ହେବେ ଯିଏ ସେବା ମନୋଭାବ ସହିତ ରାଜ୍ୟକୁ ବିକଶିତ କରିଛନ୍ତି, ଯିଏ 'ବିହାରୀ' ଶବ୍ଦକୁ ଅପମାନରୁ ଗର୍ବର ବିଷୟ କରି ଦେଇଛନ୍ତି। ଶନିବାର ଦିନ, ନିର୍ବାଚନ କମିସନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ କରିଥିଲେ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିହାରର ପ୍ରାୟ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ । ନିର୍ବାଚନ କମିସନ ଦୁଇରୁ ତିନି ଦିନ ମଧ୍ୟରେ ନିର୍ବାଚନ ତାରିଖ ଘୋଷଣା କରିବେ ବୋଲି କୁହାଯାଉଛି ।

## ଶକ୍ତିଶାଳୀ ଭୂମିକମ୍ପ ଝଟକାରେ ଦୋହଲିଲା ଜାପାନ

**ମୁମ୍ବାଇ,୫।୧୦ :** ଥରିଲା ଜାପାନ । ଜାପାନ ମାଟି ପୁଣି ଭୂମିକମ୍ପ ଝଟକା । ଶକ୍ତିଶାଳୀ ଭୂମିକମ୍ପରେ ଜାପାନର ହୋଂସୁ ପୂର୍ବ ଉପକୂଳ ଦୋହଲି ଯାଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୦ ରେକର୍ଡ ହୋଇଛି । ଭୂମିକମ୍ପ ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ୫୦ କିଲୋମିଟର ଗଭୀରତାରେ ଥିଲା । ରିପୋର୍ଟ ଲେଖାଯିବ ସୁଦ୍ଧା କୌଣସି କ୍ଷୟକ୍ଷତିର ରିପୋର୍ଟ ହସ୍ତଗତ ହୋଇନାହିଁ । ତାକାସାକି ସହରରୁ ପ୍ରାୟ ୨୬୨ କିଲୋମିଟର ଉତ୍ତର-ପୂର୍ବରେ ଏବଂ ଭୂପୃଷ୍ଠରୁ ୫୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ରସ୍ଥଳ ରହିଛି । ଯଦିଓ ଜାପାନ ପାଣିପାଗ ସଂସ୍ଥା ସୁନାମି ସତର୍କତା ଜାରି କରିନାହିଁ ତଥାପି ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ସ୍ଥାନୀୟ ସମୟ ଅକ୍ଟୋବର ୫ ତାରିଖ ଦିନ ୧୨:୨୧ ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଟୋକିଓ, ସେଣ୍ଡାଇ ଏବଂ ଇୱାକି ପର୍ଯ୍ୟନ୍ତ ଭୂମିକମ୍ପ ଝଟକା ଲାଗିଛି । ଯଦିଓ ଏହି ସହରଗୁଡ଼ିକରେ ଭୂମିକମ୍ପ ମୃଦୁ ଥିଲା, ତଥାପି ଲୋକମାନେ ଭୂମିକମ୍ପ ଯୋଗୁଁ ଘରୁ ବାହାରକୁ ଦୌଡ଼ି ଆସିଲେ । କୌଣସି ମୃତାହତ କି କ୍ଷୟକ୍ଷତିର ଖବର ମିଳିନାହିଁ । କିନ୍ତୁ ଅନେକ ଘର ଏବଂ କୋଠାରେ ଫାଟ ଦେଖାଯାଇଛି । ପୁଲିସ-ପ୍ରଶାସନ ଲୋକମାନଙ୍କୁ ସତର୍କ ରହିବାକୁ ଅପିଲ୍ କରିଛନ୍ତି । ବୈଜ୍ଞାନିକଙ୍କ ଅନୁସାରେ, ପ୍ରଶାନ୍ତ ମହାସାଗର ପ୍ଲେଟ୍ ଜାପାନର ପୂର୍ବ ଉପକୂଳରେ ଅନ୍ୟ ତିନୋଟି ପ୍ଲେଟ୍ ତଳେ ଅବନତ ହେଉଛି । ଯାହା ଫଳରେ ଏହି ଅଞ୍ଚଳରେ ଅଧିକ ଭୂମିକମ୍ପ ହେଉଛି । ପ୍ରକୃତରେ, ବିଶ୍ୱର ପ୍ରାୟ ୧୮ ରୁ ୨୦ ପ୍ରତିଶତ ଭୂକମ୍ପୀୟ କ୍ଷେତ୍ର ଜାପାନ ଏବଂ ଏହାର ଆଖପାଖ ଅଞ୍ଚଳରେ ଅବସ୍ଥିତ । ୪ ପ୍ଲେଟ୍ ମଧ୍ୟରେ ଘର୍ଷଣ ମଧ ଜ୍ୱାଳାମୁଖୀ ଉଦଗୀରଣକୁ ତ୍ୱରାନ୍ୱିତ କରୁଥିବା ତରଙ୍ଗ ସୃଷ୍ଟି କରୁଛି । ଯଦି ଜ୍ୱାଳାମୁଖୀ ଉଦ୍‌ଗୀରଣ ସହିତ ଭୂମିକମ୍ପ ହୁଏ, ତେବେ ସୁନାମୀର ଆଶଙ୍କା ଥାଏ ।

## ସୋନମ ୱାଙ୍ଗଚୁକଙ୍କୁ ସୁପ୍ରିମକୋର୍ଟରୁ ମିଳିବ ପାରେ ଆଶ୍ୱସ୍ତି

**ମୁମ୍ବାଇ,୫।୧୦ :**ଗତମାସରେ ଲଦାଖରେ ହୋଇଥିବା ହିଂସା ପରେ ଅଟକ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଙ୍କ ସମର୍ଥନରେ ଆଇନଗତ ଲଢ଼େଇ ଏବେ ଦିଲ୍ଲୀରେ ପହଞ୍ଚିଛି । ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ଅଭିଯୋଗ କରାଯାଇଛି ଯେ ତାଙ୍କ ସ୍ୱାମୀଙ୍କୁ ଜାତୀୟ ସୁରକ୍ଷା ଆଇନ ଅନୁଯାୟୀ ଅବୈଧ ଭାବରେ ଅଟକ ରଖାଯାଇଛି ଏବଂ ତାଙ୍କ ବିଷୟରେ ଏକ ସପ୍ତାହରୁ ଅଧିକ ସମୟ ଧରି କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ । ଗୀତାଞ୍ଜଳି କହିଛନ୍ତି ଯେ, ୱାଙ୍ଗଚୁକ କୌଣସି ହିଂସାତ୍ମକ କିମ୍ବା ଅସାମ୍ବିଧାନିକ ଆନ୍ଦୋଳନର ଅଂଶ ନଥିଲେ, ବରଂ ସେ କେବଳ ରାଜ୍ୟ ମାନ୍ୟତା ଏବଂ ଲଦାଖକୁ ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଗଣତାନ୍ତ୍ରିକ ଦାବି ଉଠାଇଥିଲେ । କୋର୍ଟଙ୍କ ତାଲିକା ଅନୁଯାୟୀ, ଆବେଦନଟି ବିଚାରପତି ଅରବିନ୍ଦ କୁମାର ଏବଂ ଏନ.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି କରାଯିବ। ବରିଷ୍ଠ ଓକିଲ ବିବେକ ତନଖା ଏବଂ ଓକିଲ ସର୍ବମ ରିତମ ଖାରେଙ୍କ ମାଧ୍ୟମରେ ଦାୟର ଏହି ଆବେଦନରେ ସୋନମ ୱାଙ୍ଗଚୁକଙ୍କ ସୁରକ୍ଷା ଏବଂ ଆଇନଗତ ଅଧିକାର ସୁନିଶ୍ଚିତ କରିବା ପାଇଁ ତାଙ୍କୁ କୋର୍ଟରେ ହାଜର କରିବା ପାଇଁ ଲଦାଖ ପ୍ରଶାସନକୁ କୋର୍ଟ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆବେଦନରେ ଏହା ମଧ ଅଭିଯୋଗ କରାଯାଇଛି ଯେ ସେପ୍ଟେମ୍ବର ୨୪ ତାରିଖରେ ହୋଇଥିବା ପ୍ରତିବାଦରେ ଚାରି ଜଣ ଲୋକ ମୃତ୍ୟୁବରଣ କରିବା ଏବଂ ପ୍ରାୟ ୯୦ ଜଣ ଆହତ ହେବା ପରେ ପ୍ରଶାସନ ମନମାନି ଭାବରେ ୱାଙ୍ଗଚୁକଙ୍କୁ ଟାର୍ଗେଟ କରିଥିଲା । ସେପ୍ଟେମ୍ବର ୨୬ ତାରିଖରେ ତାଙ୍କୁ ଅଟକ ରଖାଯାଇ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ କାରାଗାରକୁ ପଠାଯାଇଥିଲା। ପୂର୍ବରୁ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଆଙ୍ଗମୋ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଭାବପ୍ରବଣ ଚିଠି ଲେଖି ତାଙ୍କ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ । ସେ କହିଥିଲେ, ମୋ ସ୍ୱାମୀ ଗତ ଚାରି ବର୍ଷ ଧରି ଲୋକଙ୍କ କଲ୍ୟାଣ ପାଇଁ କାମ କରିବା ପାଇଁ ବଦନାମ ହେଉଛନ୍ତି । ସେ କାହା ପାଇଁ ବିପଦ ନୁହଁନ୍ତି; ସେ ଜଣେ ଶିକ୍ଷକ ଏବଂ ଜଣେ ଶାନ୍ତିପ୍ରିୟ କର୍ମୀୟ ଲଦାଖ ପ୍ରଶାସନ ହିଂସା ଘଟଣାର ମାଜିଷ୍ଟ୍ରେଟ୍ ତଦନ୍ତ ନିର୍ଦ୍ଦେଶ ଦେଇଛି। ତଥାପି ସ୍ଥାନୀୟ ବାସିନ୍ଦା ଏବଂ ପ୍ରତିବାଦକାରୀମାନେ ନ୍ୟାୟିକ ତଦନ୍ତ ଦାବିରେ ଅଟଳ ଅଛନ୍ତି। ସମସ୍ତଙ୍କ ନଜର ଏବେ ସୋମବାର ସୁପ୍ରିମକୋର୍ଟରେ ହେବାକୁ ଥିବା ଶୁଣାଣି ଉପରେ ରହିଛି, ଯାହା ସମଗ୍ର ମାମଲାର ଗତିପଥ ନିର୍ଣ୍ଣୟ କରିପାରେ ।

## ଭାରତ ଫେଇରିବାକୁ ଡରୁଛନ୍ତି ନିରବ ମୋଦୀ

**ମୁମ୍ବାଇ,୫।୧୦ :**ପଳାତକ ହୀରା ଗହଣା ବ୍ୟବସାୟୀ ନିରବ ମୋଦୀ ତାଙ୍କ ପ୍ରତ୍ୟାର୍ପଣ ମାମଲାର ପୁନଃଶୁଣାଣି ପାଇଁ ଆବେଦନ କରିଛନ୍ତି । ଏହି ମାମଲାର ଶୁଣାଣି ଆସନ୍ତାମାସ ୨୩ ତାରିଖରେ ହେବ । ଭାରତକୁ ପ୍ରତ୍ୟାର୍ପିତ ହେଲେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତାଙ୍କ ଉପରେ ଅତ୍ୟାଚାର କରିବା ଡର ତାଙ୍କୁ ଘାରିଛି । ଭାରତୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହା ଉପରେ ଯୁକ୍ତି ରଖିବେ ବୋଲି ଆଶା କରାଯାଉଛି । ତାଙ୍କୁ ଜେରା କରାଯିବ ନାହିଁ । କେବଳ ବିଚାର ପ୍ରକ୍ରିୟା ଚାଲିବ ବୋଲି ଅଦାଲତଙ୍କୁ ଅବଗତ କରାଯିବ । ୱେଷ୍ଟମିନିଷ୍ଟର କୋର୍ଟରେ ଏହି ମାମଲାର ଶୁଣାଣି ହେବ । ତେବେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଗଲେ କେଣସି ପ୍ରକାର ଅତ୍ୟାଚାର ତାଙ୍କ ଉପରେ କରାଯିବ ନାହିଁ । ଭାରତର ଆଇନ ଅନୁସାରେ ତାଙ୍କ ବିଚାର ଚାଲିବ । କେଣସି ଏଜେନ୍ସି ତାଙ୍କୁ ଜେରା କରିବେ ନାହିଁ ବୋଲି ପୁନର୍ବାର ପ୍ରତିଶ୍ରୁତି ଦେବେ । ଏ ନେଇ ଜଣେ ଅଧିକାରୀ କହିଛନ୍ତି ଯେ, ନିରବ ମୋଦୀଙ୍କ ମାମଲାରେ ଚାର୍ଜସିଟ୍ ଦାଖଲ ହୋଇସାରିଛି । ବର୍ତ୍ତମାନ ତାଙ୍କୁ ପଚରାଉଚରା କରିବାର ଆବଶ୍ୟକତା ନାହିଁ । ଆମର ତଦନ୍ତ ମଧ ପ୍ରାୟତଃ ଶେଷ



ହୋଇଛି । ଯଦି ବ୍ରିଟେନର ଅଦାଲତ ଆମକୁ ଏ ନେଇ ପ୍ରଶ୍ନ କରନ୍ତି ତା'ହେଲେ ଆମେ ପୂର୍ବ ପ୍ରତିଶ୍ରୁତିକୁ ଦୋହରାଇବୁ ବୋଲି ଉକ୍ତ ମାମଲା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରୁ ଶତାଧିକ ଜାଲ୍ ଲେଟର ଅଫ୍ ଅଣ୍ଡରଟେକିଂ ଜରିଆରେ ୬୪୯୮ କୋଟି ଟଙ୍କା ତୋସରପାତ ମାମଲାର ତଦନ୍ତ କରୁଥିବା ଏକାଧିକ ଏଜେନ୍ସିଙ୍କର ମତ ପ୍ରାୟ ସମାନ ରହିଛି । ପୂର୍ବରୁ ଭାରତ ସରକାରଙ୍କ ପକ୍ଷରୁ ବ୍ରିଟେନ ସରକାରଙ୍କୁ କୁହାଯାଇ ସାରିଛି ଯେ ନିରବ ମୋଦୀଙ୍କୁ ମୁମ୍ବାଇସ୍ଥିତ ଆର୍ଥର ରୋଡ୍ ଜେଲର ବାରାକ୍ ନମ୍ବର ୧୨ରେ ରଖାଯିବ । ସେଠାରେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଚିକିତ୍ସା ସୁବିଧା ମଧ ସେଠାରେ ଉପଲବ୍ଧ ରହିଛି । ଭାରତର ଆଇନ ଅନୁସାରେ ତାଙ୍କର ବିଚାର ଚାଲିବ । ତାଙ୍କ ବିରୋଧରେ ନୂଆ ଅଭିଯୋଗ କିଛି କରାଯିବ ନାହିଁ । ଉଲ୍ଲେଖଯୋଗ୍ୟ, ୫୪ ବର୍ଷୀୟ ନିରବ ମୋଦୀଙ୍କୁ ପ୍ରତ୍ୟର୍ପଣ ୱାରେଣ୍ଟ୍ ବଳରେ ୨୦୧୯ ମାର୍ଚ୍ଚ ୧୯ରେ ଲଣ୍ଡନରେ ଗିରଫ କରଯାଇଥିଲା। ଏହାପରେ ୨୦୨୧ ଏପ୍ରିଲରେ ତତ୍କାଳୀନ ଗୃହ ସଚିବ ପ୍ରୀତି ପଟେଲ ତାଙ୍କର ପ୍ରତ୍ୟାର୍ପଣ ନିର୍ଦ୍ଦେଶ ଦେଇଥିଲେ। ଗିରଫ ପରେ ଗତ ପ୍ରାୟ ୬ ବର୍ଷ ହେଲା ସେ ଲଣ୍ଡନ ଜେଲ୍ରେ ଅଛନ୍ତି। ପ୍ରତ୍ୟର୍ପଣ ବିରୋଧରେ ନିରବ ମୋଦୀଙ୍କର ପ୍ରାୟତଃ ସମସ୍ତ ଆବେଦନ ଶେଷ ହୋଇସାରିଛି । ଏପରିକି ଫେରାର ହେବା ଭୟ ଥିବାରୁ ତାଙ୍କର ଜାମିନକୁ ମଧ ଏକାଧିକ ଥର ଖାରଜ କରାଯାଇଛି ।

## ପିଓକେ ଭାରତର ଏକ କୋଠରୀ, ନିଶ୍ଚିତ ଫେରାଇଆଣିବୁ

**ମୁମ୍ବାଇ,୫।୧୦ :**ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)କୁ ଭାରତର ଘରେ ଏକ କୋଠରୀ ଭାବରେ ବର୍ଣ୍ଣନା କରିଛନ୍ତି ସେ କହିଛନ୍ତି ଯେ ଏହି କୋଠରୀ ଭାରତର ଏକ ଅଂଶ ଏବଂ ଏହାକୁ ଦିନେ ଫେରାଇ ଆଣିବାକୁ ପଡିବ। ମଧ୍ୟପ୍ରଦେଶର ସତନାରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ସେ କହିଛନ୍ତି, ସମ୍ପୂର୍ଣ୍ଣ ଭାରତ ଗୋଟିଏ ଘର । କିନ୍ତୁ ଆମ ଘରର ଏକ କୋଠରୀ, ଯେଉଁଠାରେ ଆମର ଟେବୁଲ, ଚେୟାର ଏବଂ ପୋଷାକ ରଖାଯାଇଥିଲା, ତାହା କେହି ଜଣେ ଦଖଲ କରିନେଇଛି । ଗୋଟିଏ ଦିନ ଆମକୁ ଏହାକୁ ଫେରାଇ ନେବାକୁ ପଡିବ । ସେ କହିଛନ୍ତି ଯେ ପିଓକେ ଆମ ନିଜ ଘରର ଏକ ଅଂଶ ଯାହା ବର୍ତ୍ତମାନ ଅଜଣା ଲୋକଙ୍କ ଦ୍ୱାରା ଅଧିକୃତ ଏବଂ ଏହା କେବଳ ଏକ ଭୂଗୋଳ ନୁହେଁ ବରଂ ଭାରତ ପାଇଁ ଏକ ଭାବପ୍ରବଣ ପ୍ରସଙ୍ଗ । ଭାଗବତଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ପିଓକେରେ ପାକିସ୍ତାନୀ ଶାସନ ବିରୋଧରେ ବ୍ୟାପକ ବିରୋଧ ପ୍ରଦର୍ଶନ ଚାଲିଛି । ଗତ ତିନି ଦିନ ମଧ୍ୟରେ ପିଓକେରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦୦ ରୁ ଅଧିକ ଆହତ



ହୋଇଛନ୍ତି । ଧୀରକୋଟରେ ସବୁଠାରୁ ଭୟଙ୍କର ହିଂସା ଘଟିଥିଲା, ଯେଉଁଠାରେ ଚାରି ଜଣ ପ୍ରତିବାଦକାରୀଙ୍କୁ ଗୁଳି କରାଯାଇଥିଲା । ମୁଜାଫରାବାଦ, ଡାଡିଆଲ (ମୀରପୁର) ଏବଂ ଚମ୍ପୟାତି (କୋହାଲା)ରେ ଅନ୍ୟ ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି । ପିଓକେର ଲୋକମାନେ ଆର୍ଥିକ ସହାୟତା ଏବଂ ରାଜନୈତିକ ସଂସ୍କାର ଦାବି କରୁଛନ୍ତି । ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ପାକିସ୍ତାନର ମିଛକୁ ପର୍ଦ୍ଦାଫାସ କରୁଛି, ଯିଏ ୧୯୪୭ ମସିହାରୁ ଦାବି କରିଆସୁଛି ଯେ ପିଓକେର ଲୋକମାନେ ଭାରତ ବିରୁଦ୍ଧରେ ଅଛନ୍ତି । ଗୋଟିଏ ଦିନ ପୂର୍ବରୁ, ଗୁରୁବାର ଦିନ, ମୋହନ ଭାଗବତ ପହଲଗାମ ଆତଙ୍କବାଦୀ ଆକ୍ରମଣ ବିଷୟରେ କହିଥିଲେ ଯେ ଏହି ଘଟଣା ପରେ ବିଶ୍ୱର ଦେଶଗୁଡ଼ିକର ପ୍ରତିକ୍ରିୟା ସ୍ପଷ୍ଟ କରିଛି ଯେ ଭାରତର ପ୍ରକୃତ ବନ୍ଧୁ କିଏ । ସେ କହିଥିଲେ ଯେ ଭାରତର ରାଜନୈତିକ ନେତୃତ୍ୱର ଦୃଢ଼ତା, ସେନାର ସାହସ ଏବଂ ସମାଜର ଏକତା ଏହି ଆକ୍ରମଣର କଡ଼ା ଜବାବ ଦେଇଛି ।

## ଆମେରିକା ସହ କିଛି ପ୍ରସଙ୍ଗ ସମାଧାନ କରିବାର ଆବଶ୍ୟକତା ରହିଛି

**ମୁମ୍ବାଇ,୫।୧୦ :**ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଆଜି ଭାରତ-ଆମେରିକା ସମ୍ପର୍କର ବର୍ତ୍ତମାନର ସ୍ଥିତି ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ସେ କହିଥିଲେ ଯେ ବର୍ତ୍ତମାନ ବାଣିଜ୍ୟ ପ୍ରସଙ୍ଗରେ ଭାରତ ଏବଂ ଆମେରିକା ମଧ୍ୟରେ ମତଭେଦ ରହିଛି । ଜୟଶଙ୍କର ସ୍ପଷ୍ଟ କରିଥିଲେ ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଆଲୋଚନାରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ, ଯାହା ଫଳରେ ଆମେରିକା ଭାରତ ଉପରେ କିଛି ଶୁଳ୍କ ଲାଗୁ କରିଛି, ଯାହାକୁ ଭାରତ ସର୍ବସାଧାରଣରେ ଅନୁଚିତ ବୋଲି ବର୍ଣ୍ଣନା କରିଛି । ସେ ଉଲ୍ଲେଖ କରିଛନ୍ତି ଯେ ରୁଷରୁ ଶକ୍ତି ଉତ୍ସ ଉପରେ ଆଉ ଏକ ଶୁଳ୍କ ଲାଗୁ କରାଯାଇଛି । ଜୟଶଙ୍କର ବ୍ୟାଖ୍ୟା କରିଛନ୍ତି ଯେ ରୁଷ ସହିତ ଅଧିକ ଜଟିଳ କିମ୍ବା ଚ୍ୟାଲେଞ୍ଜିଂ ସମ୍ପର୍କ ଥିବା ଅନ୍ୟ ଦେଶମାନେ ସମାନ କ୍ରୟ କରିଛନ୍ତି । ସେ କହିଛନ୍ତି, ଏହି




ସମସ୍ୟାଗୁଡ଼ିକର ସମାଧାନ ହେବା ଆବଶ୍ୟକ, ଏବଂ ଭାରତ ସକ୍ରିୟ ଭାବରେ ଏଗୁଡ଼ିକ ଉପରେ କାର୍ଯ୍ୟ କରୁଛି । ଡକ୍ଟର ଜୟଶଙ୍କର ଉଲ୍ଲେଖ କରିଛନ୍ତି ଯେ ଚଳିତ ବର୍ଷ କ୍ୱାଡ୍ ଦେଶଗୁଡ଼ିକର ବୈଦେଶିକ ମନ୍ତ୍ରୀଙ୍କ ଦୁଇଟି ବୈଠକ ହୋଇଛି, ଯାହା ମଧ୍ୟରୁ ପ୍ରଥମଟି ରାଷ୍ଟ୍ରପତି ଟ୍ରମ୍ପ କ୍ଷମତାକୁ ଆସିବା ପରେ ହୋଇଥିଲା । ସେ କ୍ୱାଡ୍‌ର ସ୍ଥିରତା ଏବଂ ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଏହିଭଳି ସମୟରେ, ଚ୍ୟାଲେଞ୍ଜଗୁଡ଼ିକୁ ଦାୟିତ୍ୱପୂର୍ଣ୍ଣ ଭାବରେ ମୂଲ୍ୟାଙ୍କନ କରିବା ଅତ୍ୟନ୍ତ ଜରୁରୀ । ଆମକୁ ଉଭୟ ସୀମାକୁ ଏଡାଇବାକୁ ପଡିବ - ପ୍ରଥମଟି ହେଉଛି ଯେ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିବା ନାହିଁ କିମ୍ବା କୌଣସି ପରିସ୍ଥିତିକୁ ଅତିରଞ୍ଜିତ କରିବା ନାହିଁ । ଜୟଶଙ୍କର ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ଭାରତ ସକାରାତ୍ମକ କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଖୋଜୁଛି, ଏବଂ ଏହି ପ୍ରୟାସରେ କ୍ୱାଡ୍ ଭଳି ପ୍ଲାଟଫର୍ମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତାଙ୍କ ଅନୁସାରେ, ବର୍ତ୍ତମାନ ସମୟରେ, ବିଶେଷକରି ବିଶ୍ୱ ଅସ୍ଥିରତା ମଧ୍ୟରେ, ଅନ୍ତର୍ଜାତୀୟ ସହଯୋଗ ଏବଂ ଚୁକ୍ତିନାମାର ସ୍ଥିରତା ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ଫଡନବୀସ ଜଣେ ଦୁର୍ବଳ ମୁଖ୍ୟମନ୍ତ୍ରୀ

**ମୁମ୍ବାଇ,୫।୧୦ :** ଉଦ୍ଧବ ଶିବସେନା (ୟୁବିଟି) ମୁଖ୍ୟ ଏବଂ ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଭାରତୀୟ ଜନତା ପାର୍ଟି (ବିଜେପି)କୁ କଡ଼ା ସମାଲୋଚନା କରିଛନ୍ତି। ପୁଣେ କାର୍ଯ୍ୟରତ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ଏକ ଆଲୋଚନା କାର୍ଯ୍ୟକ୍ରମରେ ଭାଷଣ ଦେଇ ଠାକରେ କହିଛନ୍ତି ଯେ, ବିଜେପି ମହାରାଷ୍ଟ୍ର କିମ୍ବା କେନ୍ଦ୍ରରେ ଶାସନ କରିବାକୁ ଅକ୍ଷମ । ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସଙ୍କୁ 'ଦୁର୍ବଳ ନେତା' ବୋଲି କହିଛନ୍ତି। ଫଡନବୀସ ବ୍ୟାପକ ଦୁର୍ନୀତିକୁ ରୋକିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ଏବ ଜଣେ ଦୁର୍ବଳ ମୁଖ୍ୟମନ୍ତ୍ରୀଙ୍କ ଶାସନ ଚାଲିଥିବା ସେ କଟାକ୍ଷ କରିଛନ୍ତି । ଠାକରେ କହିଛନ୍ତି ଯେ ରାଜ୍ୟର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିଜେପି ନେତୃତ୍ୱାଧୀନ ମହାୟୁତି ସରକାରର ପ୍ରଚଣ୍ଡ ବହୁମତ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଫଡନବୀସ ଅସହାୟ ମନେ ହେଉଛନ୍ତି । ଅନେକ ଦୁର୍ନୀତି ମାମଲା ସତ୍ତ୍ୱେ, କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ସରକାର ସମ୍ପ୍ରତି ପ୍ରବଳ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ଯୋଗାଇବାରେ ବିଫଳ ହୋଇଛନ୍ତି । ମୁଁ ମୁଖ୍ୟମନ୍ତ୍ରୀ ଥିବା ସମୟରେ, ଚାଷୀଙ୍କ ଋଣ ଛାଡ କରିଥିଲି, କିନ୍ତୁ ବର୍ତ୍ତମାନର ସରକାର ଏପର୍ଯ୍ୟନ୍ତ କୌଣସି ଘୋଷଣା କରିନାହାନ୍ତି ।

## 'ପୋଲିଂ ବୁଥରେ ରହିବେନି ୧୨ଶହରୁ ଅଧିକ ଭୋଟର, ପ୍ରାର୍ଥୀଙ୍କର ରହିବ ରଙ୍ଗୀନ ଫଟୋ'

**ନୂଆଦିଲ୍ଲୀ,୫।୧୦ :** ବିହାର ବିଧାନସଭା ନିର୍ବାଚନକୁ ନେଇ ମୁଖ୍ୟ ନିର୍ବାଚନ କମିଶନ(ସିଇସି) ଜ୍ଞାନେ ରବିବାର ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏଥିରେ ସେ ସ୍ପଷ୍ଟ କରିଛନ୍ତି ଯେ ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ରେ ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ । ସାମ୍ବାଦିକ ସମ୍ମିଳନୀର ଆରମ୍ଭରେ, ନିର୍ବାଚନ କମିଶନ କହିଛନ୍ତି, ବିହାରରେ SIR ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଛି । ସେ SIR ମାଧ୍ୟମରେ ଭୋଟର ତାଲିକା ଶୁଦ୍ଧ କରିଥିବା(ବୁଥ୍ ଲେବଲ ଅଫିସର) ବିଏଲ୍ଓ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାମ୍ବାଦିକ ସମ୍ମିଳନୀରେକୁ ସମ୍ବୋଧିତ କରି ମୁଖ୍ୟ ନିର୍ବାଚନ କମିଶନର କହିଛନ୍ତି, 'ଆଗାମୀ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ପଦକ୍ଷେପ ଏବେ ସାରା ଦେଶରେ କାର୍ଯ୍ୟକାରୀ ହେବୟ ବିହାରରେ ୨୪୩ ବିଧାନସଭା ଆସନ ଅଛି। ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ରେ ଶେଷ ହେଉଛି । ତା ପୂର୍ବରୁ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନ କମିଶନ ଟିମ୍ ଦୁଇ ଦିନ ପାଇଁ ବିହାରରେ ରହିଛି। ଏହି ସମୟ ମଧ୍ୟରେ, ଆମର ଦଳ ପାଟନାରେ ରାଜନୈତିକ ଦଳ, ପ୍ରଶାସନିକ ନିର୍ବାଚନ ଅଧିକାରୀ, ରାଜ୍ୟ ପ୍ରଶାସନିକ ଅଧିକାରୀ, ପ୍ରବର୍ତ୍ତନ ସଂସ୍ଥା, ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ସ୍ୱତନ୍ତ୍ର ପୋଲିସ ନୋଡାଲ ଅଧିକାରୀ (ଏସପିଏନଓ) ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ) ନୋଡାଲ ଅଧିକାରୀମାନଙ୍କ ସହିତ ବୈଠକ କରିଛି । ସେ କହିଛନ୍ତି, ବିଏଲ୍ଓ ଯେଉଁ ପର୍ଯ୍ୟନ୍ତ ମତଦାତାଙ୍କ ପାଖକୁ ଯିବେ ତାଙ୍କୁ ଭଲ ଭାବରେ ଚିହ୍ନଟ କରିପାରିବେ, ଏଥିପାଇଁ ପାଇଁ ପରିଚୟପତ୍ର ପ୍ରଚଳନ କରାଯାଇଛି। ଭୋଟରମାନେ ଏବେ ଭୋଟ କେନ୍ଦ୍ର ବାହାରେ ସେମାନଙ୍କର ମୋବାଇଲ୍ ଫୋନ୍ ଜମା କରି ଭୋଟ ଦେଇପାରିବେ। ପୂର୍ବରୁ, ଘରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ମୋବାଇଲ୍ ଫୋନ୍ ଛାଡିବାକୁ ପଡୁଥିଲା । ସିଇସି କହିଛନ୍ତି ଯେ, ବିହାରର କୌଣସି ପୋଲିଂ ବୁଥରେ ୧୨୦୦ ରୁ ଅଧିକ ଭୋଟର ରହିବେ ନାହିଁ ।ସିଇସି କହିଛନ୍ତି, ବିହାରରେ ଏକ ୱାନ୍-ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ ଲାଗୁ କରାଯିବ । ପ୍ରତ୍ୟେକ ପ୍ରାର୍ଥୀ ମତଦାନ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ସେମାନଙ୍କର ଏଜେଣ୍ଟ ନିୟୋଜିତ କରିପାରିବେ। ୧୦୦% ୱେବକାଷ୍ଟିଂ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଉପଲବ୍ଧ ହେବ । ପୂର୍ବରୁ, ଅତି କମରେ ୫୦% କିମ୍ବା ୬୦% ବୁଥରେ ୱେବକାଷ୍ଟିଂ ଉପଲବ୍ଧ ଥିଲା । ଇଭିଏମ୍ ରେ ବ୍ୟବହୃତ ବାଲଟ୍ ପେପର କଳା ଏବଂ ଧଳା ଥିଲା, ଯାହା ଦ୍ୱାରା ଚିହ୍ନଟ କଷ୍ଟକର ହୋଇଥିଲା । ତେଣୁ, ବିହାର ନିର୍ବାଚନ ଆରମ୍ଭରୁ, ସିରିଏଲ୍ ନମ୍ବର ।ଷ୍ଟ ଏବଂ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ରହିବ। ସିଇସି କହିଛନ୍ତି, ଏବେ ପୋଷ୍ଟାଲ ବାଲେଟର ଗଣତି ଇଭିଏମର ଶେଷ ଦୁଇଟି ପର୍ଯ୍ୟାୟ ପୂର୍ବରୁ ହେବ।



# ଦଶହରାରେ ଡ୍ୟାନ୍ସ ଧମାକା

ଯୋଡା,୪।୧୦ (ନି.ପ୍ର) : କେନ୍ଦୁଝର ଜ଼ିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଶିପାଳ ପଞ୍ଚାୟତ, କାଶିପାଳ ପାନପଶି ଗ୍ରାମର ଦେହୁରୀସାହି ମା ଦୁର୍ଗା ଯୁବକ ସଂଘ ଅନୁକୂଲ୍ୟରେ ଦଶହରା ପୂଜା ଉପଲକ୍ଷେ ଡ୍ୟାନ୍ସ ଧାମାକା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ଦାୟିତ୍ୱ ଗ୍ରାମବାସୀ ବୃନ୍ଦଙ୍କ ସହିତ ଫଗୁ ନାଏକ, ଅଖୟ କୁମାର ନାଏକ,ଉଦ୍ଧବ ନାଏକ,ରଞ୍ଜିତ ନାଏକ,କାମଦେବ ନାଏକ, ରୁନି ନାଏକ, ରତନି ନାଏକ, ସୁକୁମଣି ନାଏକ ଓ ସୀମା ନାଏକ ବହନ କରିଥିଲେ । ଗ୍ରାମରେ ଦଶହରା ପୂଜା ଆଜକୁ ପ୍ରାୟ ୭୦ ବର୍ଷରୁ ଅଧିକ ହେବ ଗ୍ରାମବାସୀ ମିଳିତ ସାହାଯ୍ୟ ସହଯୋଗରେ କରି ଆସୁଛନ୍ତି । ଦଶହରା ପୂଜା ଉପଲକ୍ଷେ ଡ୍ୟାନ୍ସ ଧାମାକା ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମା ଦୁର୍ଗା ଯୁବକ ସଂଘ ଅନୁକୂଲ୍ୟ ପ୍ରାୟ ୧୦ ବର୍ଷ ହେବ କରିଆସୁଛନ୍ତି । ଏହି ଉତ୍ସବରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜ଼ିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କ ସହିତ ଯୁବ ସମାଜସେବୀ ଦିବାକର ମହାନ୍ତ ଯୋଗଦେଇ ଥିଲେ । ସର୍ବ ପ୍ରଥମେ ଅତିଥିମାନଙ୍କୁ ଗ୍ରାମବାସୀ ପୁଷ୍ପ ଗୁଚ୍ଛ ଓ ଉତ୍ତୋରୀୟ ଦେଇ ପୂଜାମଣ୍ଡପ ପାଖକୁ ପାଛୋଟି ଆଣିଥିଲେ ଓ ଶ୍ରୀ ତ୍ରିପାଠୀ ସେଠାରେ ଠାକୁରଙ୍କୁ ମୁଣ୍ଡିଆ ମାରି ପୂଜାର୍ଚ୍ଚନା କରିଥିଲେ ଏବଂ ଉପସ୍ଥିତ ଥିବା ଜନସାଧାରଣ ଓ ଗ୍ରାମବାସୀ ବୃନ୍ଦଙ୍କୁ ସମ୍ବର୍ଦ୍ଧନା ଦେଇ ତାଙ୍କ ଅଭିଭାଷଣ ରଖିଥିଲେ, ମା ଦେବୀ ଦୁର୍ଗାଙ୍କ ପୂଜା ଉପରେ ଆଲୋକପାତ କରିଥିଲେ 'ଦୁର୍ଗା ପୂଜା ଆଶ୍ୱିନ ମାସରେ ହିନ୍ଦୁମାନେ ପାଳନ କରୁଥିବା ଏକ ଉତ୍ସବ । ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର ନିଦର୍ଶନ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତପ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟୀତା ହେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ତ୍ରୀଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ୍ଗଦ୍ୱାରା ଶିରଚ୍ଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ । ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ,ଏହା ଦେବତାମାନଙ୍କଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ ଏବଂ ତା ସହିତ କିପରି ଆମ ପରମ୍ପରା ବଜାୟ ରଖି ନୂତନ ଯୁବପିଢିଙ୍କୁ ଶିକ୍ଷିତ କରିବା ପରି ଅନେକ କଥା ଉଲ୍ଲେଖ କରିଥିଲେ କ୍ଷ ଶ୍ରୀ ତ୍ରିପାଠୀ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥିବା ଏବଂ ବ୍ୟସ୍ତ ବହୁଳ କାର୍ଯ୍ୟ ସୂଚୀ ସତ୍ୱେ ସମୟ ବାହାର କରି ଉକ୍ତ ଉତ୍ସବରେ ଯୋଗ ଦେଇଥିବାରୁ ଗ୍ରାମବାସୀ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିବା ଦେଖିବାକୁ ମିଳିଛି ।



# ୫ଜଣ ପ୍ରତିଭାଙ୍କୁ 'ପ୍ରାଣନାଥ ସମ୍ମାନ'

## ପ୍ରାଣନାଥ ଥିଲେ ବିପ୍ଳବର ଅନିର୍ବାଣ ଶିଖା : ରାଜ୍ୟପାଳ

ଭୁବନେଶ୍ୱର, ୫।୧୦ (ନି.ପ୍ର) : ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ ଥିଲେ ସେବା ଓ ସଂଗ୍ରାମର ଅନିର୍ବାଣ ଶିଖା। ତାଙ୍କର ତ୍ୟାଗପୂତ ଜୀବନାଦର୍ଶ ଯୁବପିଢିଙ୍କୁ ଅନୁପ୍ରାଣିତ କରିବା ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି।

ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ ତଥା କୃଷକ ଓ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ପ୍ରାଣନାଥ ସ୍ମୃତି ସମିତି ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟପାଳ ପ୍ରାଣନାଥଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରାଣନାଥଙ୍କ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରକୁ ମଧ୍ୟ ବିଶେଷ ଅବଦାନ ରହିଥିବାର ସେ ଉଲ୍ଲେଖ କରିଥିଲେ।

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, 'ସମ୍ବାଦ' ଓ ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରାଣନାଥଙ୍କୁ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ଯୋଦ୍ଧା ଓ କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ ରୂପେ ବର୍ଣ୍ଣନା କରିଥିଲେ। ଗାନ୍ଧିଜୀଙ୍କର ଆହ୍ୱାନରେ ମୁକ୍ତି ସଂଗ୍ରାମରେ ଝାସ ଦେଇ ସେ ଦଶଥର କାରବରଣ କରିଥିବା ଏବଂ ଓଡ଼ିଶାରେ ସମାଜବାଦୀ ଆଦର୍ଶର ପରିପ୍ରଚାର କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଲେଖିକା ଡକ୍ଟର ଅର୍ଚ୍ଚନା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ-ସ୍ଥାପତ୍ୟ କଳା, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି-ଶିକ୍ଷାବିତ୍, ଡଃ ମୃତ୍ୟୁଞ୍ଜୟ ରଥ-ଲେଖକ ଓ ଉପସ୍ଥାପକ, ଝରଣା ପଟ୍ଟନାୟକ-ସାହିତ୍ୟିକା ଓ ସମାଜସେବିକା, କେଦାର ମିଶ୍ର-କବି ଓ ସାମ୍ବାଦିକ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡଃ ମୃତ୍ୟୁଞ୍ଜୟ ରଥ ଓ ଶୁଭେନ୍ଦୁ ମହାନ୍ତି।




# ଦୀର୍ଘ ଦିନର ବ୍ୟବଧାନ ପରେ ସୂର୍ଯ୍ୟ ମନ୍ଦିର ସୁରକ୍ଷା

## ମହାସଂଘ ଫଟୋଗ୍ରାଫରଙ୍କୁ ପ୍ରବେଶ ଅନୁମତି

କୋଣାର୍କ , ୦୫/୧୦ (ନି.ପ୍ର) : ଦୀର୍ଘ ଦିନର ବ୍ୟବଧାନ ପରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଭିତରେ ସୂର୍ଯ୍ୟ ମନ୍ଦିର ସୁରକ୍ଷା ମହାସଂଘ ଫଟୋଗ୍ରାଫରଙ୍କୁ ପ୍ରବେଶ ଅନୁମତି ମିଳିଛି, ବହୁତ ବାଦ ବିବାଦ ପରେ ଘଟଣାର ଅନ୍ତ ଘଟିଛି, ଯାହା ଫଳରେ ବହୁତ ଦୁଃଖ ଆଉ କଷ୍ଟରେ ଥିବା ଫଟୋଗ୍ରାଫର ଭାଇ ମାନଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି, ଫଟୋଗ୍ରାଫର ଭାଇ ମାନଙ୍କୁ ସମ୍ପୂର୍ଣ ସହଯୋଗର ହାତ ବଢ଼ାଇଥିଲେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ,ଫଟୋଗ୍ରାଫର ମହାସଙ୍ଗର ସଭାପତି ରଶ୍ମି ରଞ୍ଜନ ବିଶ୍ୱାଳ, ରଣଜିତ ରାଉତରାୟ, ଆଇନଜୀବି -ଦୁର୍ଗାପ୍ରସନ୍ନ ତ୍ରିପାଠୀ, ସାମ୍ବାଦିକ -ଗଙ୍ଗାଧର ବେଉରା, ଶୁଭେନ୍ଦୁ ମହାନ୍ତି, ହଟ କିଶୋର ମହାରଣା, କୋଣାର୍କ ବିଜେପି ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ. ପ୍ରତ୍ନତତ୍ତ୍ୱ ବିଭାଗ ର ମନମୁଖୀ କାର୍ଯ୍ୟ ପାଇଁ ବେଳେ ବେଳେ ଫଟୋଗ୍ରାଫର ମାନଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି, ଜୀବିକା ହରାଇବାକୁ ପଡୁଛି, କୋଣାର୍କ ସୂର୍ଯ୍ୟ ମନ୍ଦିର ଭିତରେ ଫଟୋଗ୍ରାଫର ମହାସଙ୍ଗ ର ୧୯୨ ଜଣ ଫଟୋଗ୍ରାଫି କରୁଥିବା ବେଳେ ପ୍ରତ୍ନତତ୍ତ୍ୱ ବିଭାଗ କେବଳ ମନ୍ଦିର ଭିତରେ ୧୦ଜଣ କୁ ହିଁ ଲାଇସେନ୍ସ ଦେଇଛି ଫଟୋ ଉଠେଇ ବା ପାଇଁ ସୂର୍ଯ୍ୟ ମନ୍ଦିର ପରିସର ରେ, ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟ ଜଣକ ଘଟଣା, କୋଣାର୍କ ଅଞ୍ଚଳ ଏକ ପର୍ଯ୍ୟଟନ କ୍ଷେତ୍ର ଏଠାରେ କୌଣସି ଶିଳ୍ପ କି କଳ କାରଖାନା ନାହିଁ, ଏଠାର ଆଖ ପାଖ ଲୋକ ସମ୍ପୂର୍ଣ ଭାବରେ ମନ୍ଦିର ଉପରେ ନିର୍ଭର ଶୀଳ, ମନ୍ଦିର ଆସିଲେ ହିଁ ତାଙ୍କ ପରିବାର ଚଳେ, କିନ୍ତୁ ପ୍ରତ୍ନତତ୍ତ୍ୱ ବିଭାଗର ମନଇଚ୍ଛା ୧୦ ଜଣ ଫଟୋଗ୍ରାଫରଙ୍କୁ ଲାଇସେନ୍ସ ପ୍ରଧାନକୁ କୋଣାର୍କ ଅଞ୍ଚଳ ବାସି ଓ କୋଣାର୍କ ଅଞ୍ଚଳ କୁ ଆସୁଥିବା ପର୍ଯ୍ୟଟକ ମାନେ ବି ଏହାର ଦୃଢ ନିନ୍ଦା କରୁଛନ୍ତି, ଆଗାମୀ ଦିନରେ ୧୦ଜଣ ଫଟୋଗ୍ରାଫରଙ୍କ ଲାଇସେନ୍ସ ରଦ୍ଧ ପାଇଁ କୋଣାର୍କ ଅଞ୍ଚଳ ବାସି ଓ ବୁଦ୍ଧିଜୀବୀ ମାନେ ପ୍ରତ୍ନତତ୍ତ୍ୱ ବିଭାଗ ପାଖରେ ଦାବି ରଖିବେ ବୋଲି ମହାସଙ୍ଗ ର ସଭାପତି ରଶ୍ମି ରଞ୍ଜନ ବିଶ୍ୱାଳ ସୂଚନା ଦେଇଛନ୍ତି ।



# ଭୁଜାଲି ଚୋଟରେ ବାପକୁ ହତ୍ୟା କଲା ସାବତ ପୁଅ

ଯୋଡ଼ା,୫।୧୦ (ନି.ପ୍ର) : କେନ୍ଦୁଝର ଜିଲ୍ଲା ଯୋଡ଼ାସ୍ଥିତ ହନୁମାନ ହୋଟିଂରେ ରବିବାର ଦିନ ନିଜ ସାବତ ବାପାଙ୍କୁ ସାବତ ପୁଅ ସଂଘବଦ୍ଧ ଭାବେ ହତ୍ୟା କରି ଫେରାର ହେବା ଘଟଣା ଏବେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମିଳିଥିବା ସୂଚନା ଅନୁଯାୟୀ ରବିବାର ସକାଳ ସମୟରେ ମୃତକ ମନୋଜ କାଳନ୍ଦୀ ବୟସ(୩୫) ସକାଳ ପ୍ରାୟ ୯ ଘଟିକାରେ ସ୍କୁଟି ଦ୍ୱାରା ଯାଉଥିବା ବେଳେ ପୂର୍ବରୁ ଛକି ବସିଥିବା ସାବତ ପୁଅ ବିଶାଳ କାରୁଆ ଓ ତାର ସାଙ୍ଗ ମାନେ ପ୍ରଥମେ ମନୋଜକୁ ଏକ ଲୁହା ପାଇପ ଦ୍ୱାରା ମୁଣ୍ଡରେ ବାଡେଇଥିଲେ ପରେ ତଳେ ପଡିଯିବାରୁ ବିଶାଳ ଏକ ଭୁଜାଲିରେ ମନୋଜର ପେଟକୁ ହାଣି ପକାଇଥିଲା । ଘଟଣା ଘଟାଇ ବିଶାଳ ସେଠାରୁ ଫେରାର ହେବା ପରେ ସ୍ଥାନୀୟ ଲୋକ ପୋଲିସକୁ ଖବର ଦେଇଥିଲେ । ମନୋଜର ପରିବାର ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇ ଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଯୋଡ଼ା ପୋଲିସ ଘଟଣା ସ୍ଥଳରେ ପହଂଚି ଘଟଣା ଅନୁଧ୍ୟାନ କରିବା ସହ ଶବକୁ ଉକ୍ତ ଡାକ୍ତରଖାନାର ଶବ ଗୃହରେ ରଖାଇ ଫେରାର ଥିବା ବିଶାଳ ଓ ସାଙ୍ଗ ମାନଙ୍କୁ ଖୋଜିବାରେ ଚେଷ୍ଟା ଚଳାଇଛି । ତେବେ ମନୋଜ କାଳନ୍ଦୀ ପୂର୍ବରୁ ବିବାହିତ ଥିବା ବେଳେ ବିଶାଳ କାରୁଆର ମା ଲକ୍ଷ୍ମୀ କାରୁଆକୁ ଦ୍ୱିତୀୟ ସ୍ତ୍ରୀ ଭାବେ ଘରକୁ ଆଣିବା ପରେ ବିଶାଳ ଓ ମନୋଜ ମଧ୍ୟରେ ପୂର୍ବରୁ ଅନେକ ଥର ଝଗଡା ହୋଇଛି । ପୂର୍ବରୁ ଉଭୟଙ୍କ ମଧ୍ୟରେ ତିକ୍ତତା ରହିଥିବା ହେତୁ ଆଜି ଏତେ ବଡ଼ ଜଘନ୍ୟ କାଣ୍ଡ ଘଟିଗଲା ବୋଲି ମୃତ ମନୋଜର ମା ଓ ପିଉସୀ ଗଣ ମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ଘଟଣା ଘଟାଇ ବିଶାଳ କେଉଁଆଡେ ଚାଲି ଯାଇଛି ବୋଲି ମା ଲକ୍ଷ୍ମୀ କାରୁଆ କହିଛନ୍ତି ।

# କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆଜି

## ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ୧୫ପ୍ଲାଟୁନ ଫୋର୍ସ ମୁତୟନ

କେନ୍ଦ୍ରାପଡ଼ା,୫।୧୦ (ନି.ପ୍ର) : କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆଜି ଠାରୁ ଆରମ୍ଭ ହେବ। ଏହା ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୩ ଓ ୧୪ ଦୁଇଦିନ ମେଳଣ ଓ ଭସାଣୀ ଅନୁଷ୍ଠିତ ହେବ। କେନ୍ଦ୍ରାପଡ଼ାର ଏହି ଗଜଲକ୍ଷ୍ମୀ ପୂଜାକୁ ଦେଖିବା ପାଇଁ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ସେହିପରି ରାଜ୍ୟ ବାହାରୁ ମଧ୍ୟ ଲୋକେ ଏହି ଗଣପର୍ବରେ ନିଜକୁ ସାମିଲ କରିଥାନ୍ତି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ପୌରସଂସ୍ଥା ଟାଉନ୍ ହଲ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡିଆଇଜି ଶ୍ରୀ ନାୟକ ଯୋଗଦେଇ କହିଲେ ପୂଜା ବେଳେ କିମ୍ବା ମେଳଣ ବେଳେ କୌଣସି ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଧର୍ମକୁ ଆକ୍ଷେପ କରି କୌଣସି ସ୍ଲୋଗାନ ଦେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା ଚାଲିଥିବା ସମୟରେ ବେଆଇନ୍ ମଦ କାରବାରକୁ ବନ୍ଦ କରାଯିବ। ସେହିପରି ଜୁଆଖେଳ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସହିତ କୌଣସି ବେଆଇନ୍ କାର୍ଯ୍ୟକୁ ପ୍ରଶୟ ଦିଆଯିବ ନାହିଁ। ପ୍ରତି ପୂଜା ପେଣ୍ଡାଲରେ ପୋଲିସ କର୍ମଚାରୀ ମୁତୟନ ହେବେ। ଯାହା ଫଳରେ ପୂଜା ପେଣ୍ଡାଲ ନିକଟକୁ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ସୁରକ୍ଷିତ ଭାବେ ଦର୍ଶନ କରି ପାରିବେ। ସହରକୁ ସିସିଟିଭି କ୍ୟାମେରା ନଜରରେ ରଖାଯିବ। ଫଳରେ ଲୁଟ୍, ଛିନତାଇ, ଚୋରିକୁ ରୋକାଯାଇ ପାରିବ। ପୂଜା କମିଟିର କର୍ମକର୍ତ୍ତାମାନଙ୍କ ସହ ପୋଲିସ ଉତ୍ତମ ସମ୍ପର୍କ ରକ୍ଷା କରି ପୂଜାକୁ ସୁରକ୍ଷିତ ଓ ସଫଳ କରିବ ବୋଲି ଡିଆଇଜି କହିଥିଲେ। କୌଣସି ପୂଜା କମିଟି ଯୋରଜବରଦସ୍ତ ଚାନ୍ଦା ଆଦାୟ କରିପାରିବେ ନାହିଁ। ଏହାକୁ ବେଆଇନ୍ ଘୋଷଣା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗାଡି ମୋଟର ରଖିବା ପାଇଁ ସରକାରୀ ପାର୍କିଂ ବ୍ୟବସ୍ଥା କରାଯାଇଛି। ଯଦି କେହି ବେଆଇନ୍ ଭାବେ ପାର୍କିଂ ଫିସ ଆଦାୟ କରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା କମିଟି କର୍ମକର୍ତ୍ତାମାନେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସେମାନଙ୍କ କମିଟିର ସଦସ୍ୟମାନଙ୍କୁ ସ୍ୱେଚ୍ଛାକୃତ ଭାବେ ଟ୍ରାଫିକ ଡ୍ୟୁଟିରେ ନିୟୋଜିତ କରିବେ। ଏ ନେଇ ପୋଲିସ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯିବ। ଫଳରେ ସେମାନେ ଭିଡ଼ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇପାରିବେ ବୋଲି ଡିଆଇଜି ଡ. ନାୟକ ପ୍ରକାଶ କରିଥିଲେ। ଏହି ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରାଯିବା ପାଇଁ ଏସପିଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସପି, ୧୩ଜଣ ଡିଏସପି, ୧୭ଜଣ ଇନସପେକ୍ଟର, ୧୨୨ଜଣ ସବଇନସପେକ୍ଟର ଓ ଏ.ଏସ.ଆଇ.ଙ୍କ ସହିତ ୧୫ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିବା ଡିଆଇଜି ଶ୍ରୀ ନାୟକ କହିଥିଲେ। ଆଜି ସନ୍ଧ୍ୟାରେ ଡିଆଇଜି ଶ୍ରୀ ନାୟକ ଏସପିଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଓ ଫୋର୍ସଙ୍କ ସହିତ ସହରରେ ଫ୍ଲାଗମାର୍ଚ୍ଚ କରିଥିବା ଦେଖାଯାଇଛି। ଏହି ବୈଠକରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଡିଏସପି ସରୋଜ କୁମାର ସାହୁ, କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସସ୍ମିତା ସାହୁ, ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ଟାଉନ୍ ଥାନା ଅଧିକରୀ ଦିଲ୍ଲୀପ କୁମାର ସାହୁଙ୍କ ସମେତ ବିଭିନ୍ନ ଥାନା ଏବଂ ଜିଲ୍ଲା ବାହାରୁ ଆସିଥିବା ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ।



# ଟ୍ୟୁମର କାଟିବାରୁ ଆଶା ପର୍ଯ୍ୟନ୍ତ : କିପରି ସର୍ଜିକାଲ୍ ଅଙ୍କୋଲୋଜିଷ୍ଟମାନେ କ୍ୟାନ୍ସରରୋଗୀଙ୍କୁ ଯୁଦ୍ଧରେ ସହଯୋଗ କରନ୍ତି

### ଡା. ବିକାଶ ନାୟକ, ସର୍ଜିକାଲ୍ ଅଙ୍କୋଲୋଜି, HCG କ୍ୟାନ୍ସର ସେଣ୍ଟର – କଟକ

କ୍ୟାନ୍ସର ହେଲେ, ପ୍ରଥମ ପ୍ରତିକ୍ରିୟା ହୁଏ ଭୟ, ଅନିଶ୍ଚିତତା ଏବଂ ଚିକିତ୍ସା ଓ ବଞ୍ଚିବା ନେଇ ପ୍ରଶ୍ନ। ଭାରତରେ, ଯେଉଁଠି କ୍ୟାନ୍ସର କେସ୍ ?ଗୁଡ଼ିକ ବଢୁଛି, ସର୍ଜିକାଲ୍ ଅଙ୍କୋଲୋଜିଷ୍ଟମାନେ ଏହି ଯୁଦ୍ଧରେ ସବୁଠାରୁ ଆଗରେ ଥାନ୍ତି। ସେମାନେ ସଠିକ୍ତା, ପ୍ରାଜ୍ଞତା ଏବଂ କରୁଣାର ସମନ୍ୱୟ କରି ଟ୍ୟୁମର କାଟିଦେଇ ରୋଗୀଙ୍କୁ ସୁସ୍ଥତାର ପଥରେ ନେଇଯାନ୍ତି। ସର୍ଜରୀ ଏବେ ସୁଦ୍ଧା କ୍ୟାନ୍ସର ଚିକିତ୍ସାର ମୁଖ୍ୟ ଅଂଶ ଅଟେ, ଯାହା ଅନେକ ସମୟରେ ଠିକ୍ ହେବା ବା ଜୀବନମାନ ବଢ଼ିବାର ସର୍ବୋତ୍ତମ ସୁଯୋଗ ଦେଇଥାଏ।

**ସର୍ଜିକାଲ୍ ଅଙ୍କୋଲୋଜିକୁ ବୁଝିବା**

ସର୍ଜିକାଲ୍ ଅଙ୍କୋଲୋଜି ହେଉଛି ଏକ ବିଶେଷିକୃତ ଶାଖା ଯାହା ସର୍ଜରୀ ମାଧ୍ୟମରେ କ୍ୟାନ୍ସରର ଚିହ୍ନଟ ଓ ଚିକିତ୍ସାରେ କେନ୍ଦ୍ରିତ। ଏହି ଡାକ୍ତରମାନେ ବିଶେଷ ପ୍ରଶିକ୍ଷଣ ପାଇ ସେହିପରି କୌଶଳରେ ପାରଙ୍ଗମ ହୋଇଥାନ୍ତି ଯାହାରେ ଟ୍ୟୁମର କାଟିଦେଇ ସ୍ୱାସ୍ଥ୍ୟକର କୋଷଗୁଡ଼ିକୁ ସୁରକ୍ଷା କରାଯାଏ। ଭାରତରେ, ସର୍ଜିକାଲ୍ ଅଙ୍କୋଲୋଜିଷ୍ଟମାନେ ସାଧାରଣତଃ ସ୍ତନ, ଫୁସଫୁସ, କୋଲୋରେକ୍ଟାଲ୍, ମୁଣ୍ଡ ଓ ଗଳା, ଓ ନାରୀରୋଗ ସମ୍ବନ୍ଧୀୟ କ୍ୟାନ୍ସରକୁ ଚିକିତ୍ସା କରନ୍ତି। ସେମାନେ ଖୋଲା ସର୍ଜରୀ, ଲାପାରୋସ୍କୋପି ଏବଂ ରୋବୋଟିକ୍ ସହାୟତାରେ ସର୍ଜରୀ ପରି ବିଭିନ୍ନ ପ୍ରକ୍ରିୟା ବ୍ୟବହାର କରନ୍ତି।

ଡାୟାଗ୍ନୋସିସ୍‌ରେ ସର୍ଜିକାଲ୍ ଅଙ୍କୋଲୋଜିଷ୍ଟମାନଙ୍କ ଭୂମିକା

ଚିକିତ୍ସା ଆରମ୍ଭ ପୂର୍ବରୁ ଠିକ୍ ଚିହ୍ନଟ ଅତ୍ୟନ୍ତ ଜରୁରୀ। ସର୍ଜିକାଲ୍ ଅଙ୍କୋଲୋଜିଷ୍ଟମାନେ ବାୟୋପ୍ସି (ଟିଶ୍ୟୁ ସ୍ୟାମ୍ପଲ୍ ନେବା) କରିଥାନ୍ତି ଯାହାରୁ କ୍ୟାନ୍ସରର ପ୍ରକାର, ପର୍ଯ୍ୟାୟ ଓ ଚିକିତ୍ସା ପଥ ନିର୍ଣ୍ଣୟ ହୁଏ। ସମୟମୁଖୀ ବାୟୋପ୍ସି ଓ ପ୍ରାରମ୍ଭିକ ଚିହ୍ନଟ ଅନେକ କେସ୍ ?ରେ ଚିକିତ୍ସାର ଦିଗକୁ ପରିବର୍ତ୍ତନ କରିପାରେ।

ଟ୍ୟୁମର କାଟିବା ଓ ସର୍ଜିକାଲ୍ ଚିକିତ୍ସା

ସର୍ଜିକାଲ୍ ଅଙ୍କୋଲୋଜିର ପ୍ରଧାନ ଲକ୍ଷ୍ୟ ହେଉଛି ଟ୍ୟୁମରକୁ ସଂପୂର୍ଣ୍ଣ କାଟିଦେବା ଓ ସମ୍ଭବ ସ୍ୱାସ୍ଥ୍ୟକର କୋଷଗୁଡ଼ିକୁ ରକ୍ଷା କରିବା। ଏହା ପାଇଁ କେବେକେବେ ନିକଟସ୍ଥ ଲିମ୍ଫ ନୋଡ୍‌ଗୁଡ଼ିକୁ ମଧ୍ୟ କାଟାଯାଏ। ଉଦାହରଣ ସ୍ୱରୂପ, ସ୍ତନ କ୍ୟାନ୍ସରରେ ମାସଟ୍ୟେକ୍ଟୋମି କିମ୍ବା ସ୍ତନ ସୁରକ୍ଷାମୂଳକ ସର୍ଜରୀ ସାଧାରଣ, ଯେତେବେଳେ କୋଲୋରେକ୍ଟାଲ୍ କ୍ୟାନ୍ସରରେ କୋଲେକ୍ଟୋମି କରାଯାଏ।

ଭାରତରେ ସର୍ଜିକାଲ୍ ଅଙ୍କୋଲୋଜିରେ ପ୍ରଗତି

ପଛଲା କିଛି ବର୍ଷରେ, ଭାରତରେ ଆଧୁନିକ ସର୍ଜିକାଲ୍ ପ୍ରବନ୍ଧନରେ ବହୁତ ପ୍ରଗତି ହୋଇଛି। ରୋବୋଟିକ୍ ସର୍ଜରୀ, ଲାପାରୋସ୍କୋପି, ଇଣ୍ଡୋସ୍କୋପି, ଫ୍ଲୁଅରୋସେନ୍ସ ଇମେଜିଙ୍ଗ୍ ଓ ଇନ୍ଟ୍ରାଅପେରେଟିଭ୍ ରେଡିଏସନ୍ ପରି ପ୍ରବନ୍ଧନରେ ନୂତନତ୍ୱରେ ଟ୍ୟୁମରକୁ ସଠିକ୍ କାଟିବା, କମ୍ ସମୟରେ ସୁସ୍ଥତା ଓ ଭଲ ପରିଣାମ ଦେଇପାରୁଛି।

ସର୍ଜରୀ ପରେ ସହାୟତା ଓ ଆଶା

ସର୍ଜିକାଲ୍ ଅଙ୍କୋଲୋଜିଷ୍ଟମାନଙ୍କ କାମ କେବଳ ସର୍ଜରୀରେ ସୀମିତ ନୁହେଁ। ସେମାନେ ପୁନର୍ବାସନ, ପୋଷଣ ପରାମର୍ଶ, ଫିଜିଓଥେରାପି ଇତ୍ୟାଦିରେ ମଧ୍ୟ ସହାୟତା କରନ୍ତି। ଭାରତରେ ଚାଲୁଥିବା ଅନେକ କ୍ଲିନିକାଲ୍ ଟ୍ରାୟାଲରେ ସେମାନଙ୍କ ଅବଦାନ ରହିଛି, ବିଶେଷତଃ ରୋବୋଟିକ୍ ସର୍ଜରୀରେ। ସ୍ପଷ୍ଟ ସଂଯୋଗ ଓ ସହାନୁଭୂତିମୟ ସହାୟତା ଦ୍ୱାରା ସେମାନେ ରୋଗୀଙ୍କୁ ଆଶା ଦେଇଥାନ୍ତି।

ସମାପ୍ତି: ଟ୍ୟୁମର କାଟିବାରୁ ପୁନର୍ଜୀବନ ପର୍ଯ୍ୟନ୍ତ

କ୍ୟାନ୍ସର ଏକ ଅନିଚ୍ଛିତ ଯୁଦ୍ଧ, କିନ୍ତୁ ସର୍ଜିକାଲ୍ ଅଙ୍କୋଲୋଜିଷ୍ଟଙ୍କ ସହାୟତାରେ ରୋଗୀ କେବେବି ଏକାକୀ ଯୁଦ୍ଧ କରୁନଥାନ୍ତି। ପ୍ରଥମ ବାୟୋପ୍ସିରୁ ଶେଷ ସ୍ଟିଚ୍ ପର୍ଯ୍ୟନ୍ତ, ସେମାନେ କେବଳ ଚିକିତ୍ସା ନୁହେଁ, ଆଶା ମଧ୍ୟ ଦେଇଥାନ୍ତି।

ସ୍ପଷ୍ଟ ସନ୍ଦେଶ ହେଉଛି—ପ୍ରାରମ୍ଭିକ ଲକ୍ଷଣକୁ ଚିହ୍ନଟ କରିବା, ସମୟମୁଖୀ ପରାମର୍ଶ ଓ ସର୍ଜିକାଲ୍ ଚିକିତ୍ସା, ପରିଣାମକୁ ସଂପୂର୍ଣ୍ଣ ପରିବର୍ତ୍ତନ କରିପାରେ।

